
ବର୍ଷ-୨୬, ସଂଖ୍ୟା-୨୯୩
ଭୁବନେଶ୍ୱର
ନଭେମ୍ବର, ୦୨, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 293
Bhubaneswar
November, 02, 2026, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ସିନ୍ଧୁ ବିଜେତା

ସବୁ କ୍ଷତିଗ୍ରସ୍ତ ପରିବାରଙ୍କୁ ୫୦ କେଜି ଚାଉଳ, ୨,୫୦୦ ଟଙ୍କା

କୃଷି, ପଶୁଧନ, ଘରଭଙ୍ଗା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଜୀବୀ, ହସ୍ତତନ୍ତ ଓ ଏମଏସଏମଇ ସମସ୍ତ କ୍ଷତିଗ୍ରସ୍ତଙ୍କୁ ମିଳିବ ସହାୟତା

ଜଳସେଚିତ ଜମିକୁ ହେକ୍ଟର ପିଛା ୧୭ ହଜାର, ଅଣଜଳସେଚିତ ଜମିକୁ ୮,୫୦୦, ବାରମାସୀ ଫସଲ ପାଇଁ ୨୨,୫୦୦ ଘର ଭାଙ୍ଗିଥିଲେ ୧.୨୦ ଲକ୍ଷ ଟଙ୍କା



ଭୁବନେଶ୍ୱର,୧।୧୧(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ଅର୍ଣ୍ଣବ ଓ ତା'ର ପରବର୍ତ୍ତୀ ପରିସ୍ଥିତିରେ ରିଲିଫ, ପୁନର୍ନିର୍ମାଣ ଓ କ୍ଷୟକ୍ଷତି ଆକଳନ ସମ୍ପର୍କରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିବା ପରେ ପ୍ରଭାବିତ ଲୋକଙ୍କ ପାଇଁ ଏକ ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି।

ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅର୍ଣ୍ଣବର ପ୍ରଭାବ ଓ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ କେନ୍ଦ୍ର ସରକାରଙ୍କ ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ସବୁ ସମୟରେ ପ୍ରସ୍ତୁତ ଅଛନ୍ତି। ପୂର୍ବରୁ ସମସ୍ତ ବିପର୍ଯ୍ୟୟରେ ସହାୟତା ପ୍ରଦାନ କରାଯାଇଛି। ଏଥର ମଧ୍ୟ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅର୍ଣ୍ଣବର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଯାଇ ନଥିବା ବେଳେ ଆଉ ଏକ ବାତ୍ୟା 'ମୁରାସୁ' ଆସିବାର ସମ୍ଭାବନା ରହିଛି। ତେଣୁ, ଯେଉଁ ଅଞ୍ଚଳରେ ଯେଉଁ ସରକାରୀ ଟିମ୍ ସହାୟତା ଓ ତଦାରଖ ଦାୟିତ୍ୱରେ ଅଛନ୍ତି, ସେମାନେ ସେହି ଅଞ୍ଚଳରେ ରହିବେ ଏବଂ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ନିମ୍ନମତେ ସହାୟତା ଘୋଷଣା କରାଯାଇଛି। ଅନୁଗ୍ରହ ମୂଳକ ସହାୟତା -- ସମସ୍ତ ପ୍ରଭାବିତ ପରିବାରକୁ ୫୦ କିଲୋଗ୍ରାମ ଚାଉଳ ସହିତ ୨୫୦୦ ଟଙ୍କା ପ୍ରଦାନ କରାଯିବ। କୃଷି କ୍ଷେତ୍ର-- ୩୩% ଏବଂ ତା'ଠାରୁ ଅଧିକ ଫସଲ ହାନି ସହିଥିବା ସମସ୍ତ ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ଇନ୍ ?ପୁଟ୍ ? ସବସିଡି ପ୍ରଦାନ କରାଯିବ। ଅଣ-ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ସହାୟତା ଦିଆଯିବ। ବାରମାସୀ ଫସଲ ପାଇଁ ସର୍ବନିମ୍ନ ଇନ୍ ?ପୁଟ ସହାୟତା ୨୫୦୦ଟଙ୍କା, ଜଳସେଚିତ ଅଞ୍ଚଳ ପାଇଁ ୨୦୦୦ ଟଙ୍କା ଏବଂ ଅଣ-ଜଳସେଚିତ ଅଞ୍ଚଳ ପାଇଁ ସବନିମ୍ନ ୧୦୦୦ ଟଙ୍କା ଦିଆଯିବ। ଜମିରୁ ବାଲି କିମ୍ବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ହାରରେ ସହାୟତା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଚାଷୀଙ୍କୁ ସର୍ବନିମ୍ନ ସହାୟତା ରାଶି ୨,୨୦୦ ଟଙ୍କା ଦିଆଯିବ । ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଚାଷୀମାନଙ୍କୁ ୧,୨୦,୦୦୦ ସଂଖ୍ୟକ ଡାଲି ଜାତୀୟ ମିନିକିଟ୍, ୫,୦୦୦ ତୈଳବୀଜ ଏବଂ ୫୦,୦୦୦ ପନିପରିବା ମଞ୍ଜି କିଟ୍ ? ଦିଆଯିବ। ସର୍ବମୋଟ ୧,୭୫,୦୦୦ ସ୍ୱତନ୍ତ୍ର ମିନିକିଟ୍ ଯୋଗାଇ ଦିଆଯିବ।

ଆଖୁ ଚାଷ ହେଉଥିବା ୨,୦୦୦ ହେକ୍ଟର ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱ ?ସ୍ ଟ୍ରାନ୍ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରେଟୁନ୍ ଫସଲ ପରିଚାଳନା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ହାରରେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ରବି ଋତୁ ୨୦୨୬-୨୭ ସମୟରେ କୀଟନାଶକ ଏବଂ ଜୈବ-କୀଟନାଶକ ଉପରେ ୭୫% ସବସିଡିର ବ୍ୟବସ୍ଥା କରାଯିବ। କୃଷି ଋଣ -- ଯେଉଁଠାରେ ୩୩% କିମ୍ବା ତା'ଠାରୁ ଅଧିକ ଫସଲ ହାନି ହୋଇଛି, ସେଠାରେ ଇଚ୍ଛୁକ ଚାଷୀମାନଙ୍କ ପାଇଁ ସ୍ୱଳ୍ପମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦି ଋଣରେ ପରିଣତ କରାଯିବ। ଚଳିତ ରବି ଋତୁରେ ସର୍ବାଧିକ ସଂଖ୍ୟକ ଭାଗଚାଷୀ,ଭୂମିହୀନ ଚାଷୀ କିମ୍ବା ମୌଖିକ ଚୁକ୍ତିରେ ଚାଷ କରୁଥିବା ଚାଷୀଙ୍କୁ ଋଣ ପ୍ରଦାନ କରିବା ପାଇଁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବ।ଗୃହ ନିର୍ମାଣ କ୍ଷେତ୍ର -- ଯେଉଁ ଘର ଗୁଡିକ ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ସମତଳ ଅଞ୍ଚଳ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳ ପାଇଁ ୧,୩୦,୦୦୦ ଟଙ୍କା ହିସାବରେ ସହାୟତା ମିଳିବ। ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା ଏବଂ ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା ସହାୟତା ଦିଆଯିବ। କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮୦୦୦ଟଙ୍କା ଓ ଗୁହାଳ ପାଇଁ ୩,୦୦୦ ଟଙ୍କା ସହାୟତା ମିଳିବ। ଯେଉଁ ପରିବାରଗୁଡ଼ିକର ଘର ଭାସି ଯାଇଛି କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିମ୍ବା ଦୁଇ ଦିନରୁ ଅଧିକ ସମୟ ଧରି ଜଳମଗ୍ନ ହୋଇ ରହିଛି, ସେହି ପରିବାରଗୁଡ଼ିକୁ ପୋଷାକ ପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ପାଇଁ ୨,୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ।

ପ୍ରାଣୀ ସମ୍ପଦ କ୍ଷତିପୂରଣ ପାଇଁ ଚାଷୀଙ୍କୁ ସହାୟତା— ଗୃହପାଳିତ ପ୍ରାଣୀ ହରାଇଥିବା ଚାଷୀଙ୍କୁ ଦୁଧିଆଳି ଗାଈ ମଇଁଷି ଆଦି ପ୍ରାଣୀର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ମେଣ୍ଢା, ଛେଳି, ଘୁଷୁରି ପାଇଁ ୪,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଭାରବାହୀ ପଶୁ ଯଥା ଓଟ,ଘୋଡ଼ା,ବଳଦ ଇତ୍ୟାଦି ପାଇଁ ୩୨,୦୦୦ ଟଙ୍କା ଏବଂ ଛୋଟ ଭାରବାହୀ ପଶୁ ଯଥା ବାଛୁରୀ,ଗଧ,ଟଟୁ ଘୋଡ଼ା,ଖଚର ଆଦି ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। କୁକୁଡ଼ା ପିଛା ୧୦୦ ଟଙ୍କା ଭାବରେ ସର୍ବାଧିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ୧,୦୦୦ ଜଣ ଚାଷୀଙ୍କୁ ଛେଳି କିମ୍ବା ବଳଦ ଆଦି ଯୋଗାଇ ଦେବାରେ ସହାୟତା କରିବା ପାଇଁ ସବସିଡି ପ୍ରଦାନ କରାଯିବ। ପ୍ରଭାବିତ ଅଞ୍ଚଳର ୫,୦୦୦ ଜଣ ଦୁଗ୍ଧ ଚାଷୀଙ୍କୁ ସହାୟତା କରିବା ପାଇଁ ପ୍ରାଣୀ ପିଛା ୧୦୦ କିଲୋଗ୍ରାମ ହିସାବରେ ସର୍ବାଧିକ ୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଗୋ-ଖାଦ୍ୟ ଯୋଗାଇ ଦିଆଯିବ। ୭୦ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୨୦୦ କୁକୁଡ଼ା ଫାର୍ମକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ସହାୟତା ପ୍ରଦାନ କରାଯିବ। (ପ୍ର-୭)ମତ୍ସ୍ୟ ଚାଷ କ୍ଷେତ୍ର -- କ୍ଷତିଗ୍ରସ୍ତ ମାଛ ଚାଷୀ ମାନଙ୍କ ପାଇଁ ହେକ୍ଟର ପିଛା ୧,୧୨,୫୦୦ ଟଙ୍କା ହାରରେ ୭୫% ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ।

ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୨୨,୫୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ।

ସାମୁଦ୍ରିକ ଏବଂ ଚିଲିକା ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬୦,୦୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ।

ଯେଉଁ ମାଛ ଚାଷୀମାନଙ୍କର ପୋଖରୀ ବନ୍ଧ ଭାଙ୍ଗିଯାଇଛି କିମ୍ବା ମାଟି କ୍ଷୟ ହୋଇଛି ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଲିଜ୍ ସୂତ୍ରରେ ନିଆଯାଇଥିବା କମ୍ୟୁନିଟି ପୋଖରୀ ପାଇଁ ମଧ୍ୟ ସହାୟତା ଦିଆଯିବ। ହେକ୍ଟର ପିଛା ସର୍ବାଧିକ ୧,୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ।

ଏମଏସଏମଇ, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ-- ପ୍ରଭାବିତ ଏମଏସଏମଇ, ବ୍ୟବସାୟୀ, ଦୋକାନୀ, ଉଠାଦୋକାନୀ ଏବଂ ଅନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନକୁ ସହାୟତା ଦିଆଯିବ।

ଏହି ପ୍ୟାକେଜ୍ ଅଧୀନରେ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସାୟିକ ପରିସର, କେବିନ୍ କିମ୍ବା ଷ୍ଟଲ୍, ଯନ୍ତ୍ରପାତି, ଫିକ୍ସଚର୍ସ, ମହଜୁଦ ସାମଗ୍ରୀ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସମ୍ପତ୍ତିର ହୋଇଥିବା କ୍ଷତିର ଆକଳନ କରାଯିବ।କ୍ଷତିଗ୍ରସ୍ତ ଏମଏସଏମଇ, ବ୍ୟବସାୟୀ ଓ ଦୋକାନୀ ମାନଙ୍କୁ ସର୍ବାଧିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯିବ। ଏହି ଋଣରେ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୫ ପ୍ରତିଶତ ସବସିଡି ଦିଆଯିବ। ଏହି ସବସିଡି ପରିମାଣ ରାଜ୍ୟ ସରକାର ସିଧାସଳଖ ବ୍ୟାଙ୍କ ଗୁଡ଼ିକୁ ଯୋଗାଇଦେବେ। ଉଠା ଦୋକାନୀ, ଅସ୍ଥାୟୀ ଷ୍ଟଲ୍ କିମ୍ବା କିଓସ୍କ ପାଇଁ ୧୦,୦୦୦ ଟଙ୍କା ଏବଂ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ୨୫,୦୦୦ ଟଙ୍କା ସହାୟତା ଦିଆଯିବ।ମହିଳା ସ୍ୱୟଂସହାୟକ ଗୋଷ୍ଠୀ -- ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ସମସ୍ତ ଯୋଗ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦୦୦ ଟଙ୍କାର ଅତିରିକ୍ତ ସିଡ୍ ମନି ପ୍ରଦାନ କରାଯିବ। ହସ୍ତଶିଳ୍ପ ଓ ହସ୍ତତନ୍ତ-- ହସ୍ତଶିଳ୍ପ, ହସ୍ତତନ୍ତ କ୍ଷେତ୍ର ଅଧୀନରେ, ବୁଣାକାର ଓ କାରିଗରମାନଙ୍କୁ ସେମାନଙ୍କର ଯନ୍ତ୍ରପାତି ଓ ଉପକରଣ ବଦଳାଇବା ପାଇଁ ବ୍ୟକ୍ତି ପିଛା ୫,୦୦୦ ଟଙ୍କା ଏବଂ ସାମଗ୍ରୀ ନଷ୍ଟ ପାଇଁ କାରିଗର ପିଛା ୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ରେଶମ ଚାଷ-- ପ୍ରଭାବିତ ରେଶମ ଚାଷୀମାନଙ୍କ ମଧ୍ୟରୁ ଏରି, ମଲବେରୀ, ଟସର ଚାଷୀଙ୍କୁ ହେକ୍ଟର ପିଛା ୬,୦୦୦ ଟଙ୍କା ଏବଂ ମୁଗା ଚାଷୀଙ୍କୁ ହେକ୍ଟର ପିଛା ୭୫୦୦ ଟଙ୍କା ଇନପୁଟ ସହାୟତା ଦିଆଯିବ। ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପାଳନ ଗୃହଗୁଡ଼ିକ ପାଇଁ ପ୍ରଭାବିତ ରେଶମ ଚାଷୀମାନଙ୍କୁ ୧,୭୫,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ।ଏହା ସହିତ ଓଡ଼ିଶା ଉଠା ଜଳସେଚନ ନିଗମ, ସମସ୍ତ ପ୍ରଭାବିତ ଗ୍ରାମଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ରବି ଋତୁ ପୂର୍ବରୁ ସମସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଣ୍ଣବ ପରେ ପୁଣି ଆସୁଛି ମୁରାସୁ

ଭୁବନେଶ୍ୱର,୧।୧୧(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଆଜି ବାତ୍ୟାରେ ପରିଣତ ହୋଇଛି। ଏହି ବାତ୍ୟାର ନାଁ ହେଉଛି 'ମୁରାସୁ'। ଏହା ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ନଭେମ୍ବର ୩ ତାରିଖ ସକାଳେ ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରିପାରେ ବୋଲି ଆକଳନ କରାଯାଇଛି।ଭୀଷଣ ବାତ୍ୟା ରୂପରେ 'ମୁରାସୁ' ଆନ୍ଧ୍ର ପ୍ରଦେଶର ନେଲ୍‌ଲୋର-ନର୍ସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ ରୁ ୧୧୦ କିମି ରହିବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ଝଟକା ପବନର ବେଗ ଘଣ୍ଟା ପ୍ରତି ୧୨୦ କିମି ରହିବାର ସମ୍ଭାବନା ରହିଛି।'ମୁରାସୁ'ର ପ୍ରଭାବ ଓଡ଼ିଶାରେ ଉପରେ ମଧ୍ୟ ପଡ଼ିବ। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ବାତ୍ୟା 'ଅର୍ଣ୍ଣବ'ଠାରୁ କମ୍ ରହିବ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ବାତ୍ୟା 'ଅର୍ଣ୍ଣବ'ର କ୍ଷୟକ୍ଷତି ମଧ୍ୟରେ ଆଉ ଏକ ବାତ୍ୟାକୁ ନେଇ ପ୍ରଶାସନିକସ୍ତରରେ ତତ୍‌ପରତା ପ୍ରକାଶ ପାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ସହ ଆନ୍ଧ୍ର ଉପକୂଳମୁହାଁ ହେବାର ଆଶଙ୍କା ରହିଛି। ଏପଟେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ଓ ଭଞ୍ଜନଗର ସୀମାନ୍ତରେ ଘଟିଥିବା ଭୂସ୍ଖଳନ ପ୍ରଭାବିତଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ସବୁପ୍ରକାରର ବନ୍ଦୋବସ୍ତ ସହ ନୌସେନାର ଅତ୍ୟାଧୁନିକ 'ସେନ୍‌ବ'କୁ ନିୟୋଜିତ କରାଯାଇଛି।

ଜେଲ୍ ଡିଜି ପଦରୁ ହଟିଲେ ସୁଶାନ୍ତ ନାଥ


ଆଇପିଏସ ସ୍ତରରେ ଅଦଳ ବଦଳ

ସାରା ଶର୍ମା ଭିଜିଲାନ୍ସ ଡିଆଇଜି

ଭୁବନେଶ୍ୱର,୧।୧୧(ମହାଭାରତ): ଆଇପିଏସ ସ୍ତରରେ ହୋଇଛି ଅଦଳ ବଦଳ। ଜେଲ୍ ଡିଜି ପଦରୁ ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରାଯାଇଛି। ରବିବାର ଏନେଇ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏସ୍‌ଏଫଏସଏଲନିର୍ଦ୍ଦେଶକ ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମିତାଭ ଠାକୁର ପରିବହନ କମିଶନର ଭାବେ କଟକରେ ଅବସ୍ଥାପିତ ହୋଇଥିବା ବେଳେ ଜେଲ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଜେଲ ବିଭାଗର ଅତିରିକ୍ତ ଡିଜି ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ କେବଳ ପରିବହନ କମିଶନର ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ।

ରାଜ୍ୟ ସଶସ୍ତ୍ର ପୁଲିସର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦



ବ୍ୟାଚ୍‌ର ଆଇପିଏସ୍ ଅଫିସର ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଏସ୍‌ପି ଅମୃତପାଲ ସିଂହଙ୍କୁ କଟକ ସ୍ଥିତ ରାଜ୍ୟ ପୁଲିସ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି।

ଖୋର୍ଦ୍ଧାରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୋନାଲି ସିଂହ ପାରମରଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରୁଥିବା ଓପିଏସ୍ ଅଫିସର ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

ଗୋଟିଏ ପଟେ ରାଜ୍ୟରେ ସ୍ଥାୟୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ବିବାଦକୁ ନେଇ ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥ ଚର୍ଚ୍ଚାରେ ଥିବା ବେଳେ ଅନ୍ୟପଟେ ତାଙ୍କ ନାଁରେ ଆସିଛି ଯୌନ ନିର୍ଯାତନା ଅଭିଯୋଗ। ତାଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର ସନ୍ତୋଷିନୀ ଦାସ। ତାଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁଶାନ୍ତ ନାଥଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଗତକାଲି ଗୃହ ବିଭାଗକୁ ଲିଖିତ ଭାବେ ଅବଗତ କରିଥିଲା କମିଶନରେଟ ପୁଲିସ। ଆଉ ଆଜି ତାଙ୍କୁ ଜେଲ୍ ବିଭାଗ ଡିଜି ପଦରୁ ହଟାଇ ଗୃହ ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି।

ଦିଲ୍ଲୀରେ ଗର୍ଜିଲେ ବିରୋଧୀ

ନୂଆଦିଲ୍ଲୀ,୧।୧୧(ମହାଭାରତ): ରାଜଧାନୀ ଦିଲ୍ଲୀର ରାମଲୀଲା ମଇଦାନରେ ଆଜି ଏକଜୁଟ ହୋଇଛନ୍ତି ଦେଶର ତମାମ ବିରୋଧୀ ଦଳ। ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଗୋଟିଏ ଜ୍ଞାନେଶଙ୍କ ଇସ୍ତଫା ଏବଂ ନିର୍ବାଚନ ପ୍ରକ୍ରିୟାରେ ସୁଧାର। ଆୟୋଜିତ ମହାରାଲିରେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ଇଣ୍ଡିଆ ବ୍ଲକର ସବୁ ବିରୋଧୀ ନେତା। ଏହି ସମୟରେ ବିଜେପି ସରକାରକୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି ରାହୁଲ ଗାନ୍ଧୀ। ଭୋଟ୍ ଚୋରି କରି ବିଜେପି ସରକାର ଗଢିଥିବା ଅଭିଯୋଗ କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।



ସେ କହିଛନ୍ତି, ଦେଶରେ ଅନେକ ବର୍ଷ ଧରି ଭୋଟ୍ ଚୋରି ହେଉଛି। ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ଼, ମହାରାଷ୍ଟ୍ର ଓ କର୍ଣ୍ଣାଟକର ନିର୍ବାଚନ ସହିତ ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ଭୋଟ୍ ଚୋରି ହୋଇଛି। ଇଭିଏମ ଜରିଆରେ ସବୁ ଜାଲିଆତି କରାଯାଇଛି। ଏପରିକି ଭୋଟର ତାଲିକାରୁ ଲୋକଙ୍କ ନାଁ ହଟାଯାଇ ନୂଆ ନାଁ ଯୋଡ଼ି ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରାଯାଇଛି।ଏହି ସମୟରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଅମିତ ଶାହ କହିଥିଲେ ନରେନ୍ଦ୍ର ମୋଦୀ କେଉଁଆଡ଼େ ଯାଉ ନାହାନ୍ତି। ମାତ୍ର ସେ ଏହାର ଓଲଟା କହୁଛନ୍ତି ଯେ, ନରେନ୍ଦ୍ର ମୋଦୀ କେଉଁଆଡ଼ ଯାଇ ପାରିବେ ନାହିଁ। ଯଦି ସେ ଯିବାକୁ ଚାହିଁବେ, ତଥାପି ତାଙ୍କୁ ଆମେ ଯିବାକୁ ଦେବୁ ନାହିଁ। ଜ୍ଞାନେଶ କୁମାରଙ୍କ ପରେ ସେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଏହାର ସରକାର ସାମ୍ନାରେ ଛିଡ଼ା ହେବେ। ଏହି ସବୁ ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପିଏମ ମୋଦୀ ଓ ଅମିତ ଶାହ ମନେ ରଖନ୍ତୁ, ଆପଣ କେଉଁଆଡ଼ େ ଏବେ ଆଉ ଯାଇ ପାରିବେ ନାହିଁ। ଜ୍ଞାନେଶ କୁମାର ସିଇସି ପଦରୁ ହଟିବ ଏବଂ ମୋଦୀ-ଶାହଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ରାହୁଲ ଗାନ୍ଧୀ କହିଛନ୍ତି, ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ କିମ୍ବା ସିଇସି ଜ୍ଞାନେଶ କୁମାରଙ୍କ ପ୍ରତି କୌଣସି ଘୃଣା ନାହିଁ। ତାଙ୍କର ନା ମୋଦୀ ଶତ୍ରୁ ନା ଶାହ ନା ଜ୍ଞାନେଶ କୁମାର। ମାତ୍ର ଦେଶର ପ୍ରତ୍ୟେକ ନାଗରିକଙ୍କ ତାଙ୍କ ପାଇଁ ସବୁଠୁ ଅଧିକ ମହତ୍ୱପୂର୍ଣ୍ଣ। ଏପରିକି ସେମାନଙ୍କ ସ୍ୱର ଧର୍ମଠୁ ବି ଉପରେ। ତେଣୁ କୌଣସି ମୂଲ୍ୟରେ ସମ୍ବିଧାନକୁ ବରବାଦ ହେବାକୁ ଦିଆଯିବ ନାହିଁ। ଏମିତି କରିବାକୁ କାହାରିକୁ ଅନୁମତି ମଧ୍ୟ ଦେବୁ ନାହିଁ।

ଇପିଏଫଓ ହ୍ୱାଟ୍ସଆପ୍ ସର୍ଭିସ ଆରମ୍ଭ

ନୂଆଦିଲ୍ଲୀ,୧।୧୧(ମହାଭାରତ); ହ୍ୱାଟ୍ସଆପ୍ ସର୍ଭିସ ଆରମ୍ଭ କଲା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) । ରବିବାର ଏହାର ୭୪ତମ ସ୍ଥାପନା ଦିବସରେ କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଦୁଇଟି ବଡ଼ ସୁବିଧାର ଶୁଭାରମ୍ଭ କରିଛନ୍ତି। ପ୍ରଥମଟି – ହ୍ୱାଟ୍ସଆପ ସର୍ଭିସ ଓ ଦ୍ୱିତୀୟଟି ବନ୍ଦ କିମ୍ବା ଡିଆକ୍ଟିଭ୍ ଥିବା ଇପିଏଫ୍ ଖାତାର ଅଟୋମେଟିକ ସେଟେଲମେଣ୍ଟ, ଅର୍ଥାତ ଆପଣାଛାଏଁ ଟଙ୍କା ଟ୍ରାନ୍ସଫର ହେବା ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଇଇପିଏଫ୍‌ଓର ଭେରିଫାଏଡ ହ୍ୱାଟ୍ସଆପ୍ ନମ୍ବର ମାଧ୍ୟମରେ ଏବେ ଇପିଏଫ୍ ଖାତାଧାରକ ନିଜ ମୋବାଇଲରେ ଏକାଧିକ ସୁବିଧା ପାଇପାରିବେ। ଯେମିତିକି ପିଏଫ୍ ବାଲାନ୍ସ ଚେକ୍ କରିବା, ଗତ ୫ ଦିନର ଟ୍ରାଞ୍ଜାକ୍ସନର ସୂଚନା ଓ ପାସବୁକ ଇନଫରମେସନ ଆଦି ଦେଖିପାରିବେ। ଏହା ବାଦ୍ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଯୋଜନା ସମ୍ପର୍କିତ ଆବଶ୍ୟକତାଗୁଡ଼ିକୁ ପୂରା କରିବା ପାଇଁ ପର୍ସନାଲ ଗାଇଡାନ୍ସ ଓ ସହଯୋଗ ବି ହ୍ୱାଟ୍ସଆପ୍ ମାଧ୍ୟମରେ ଉପଲବ୍ଧ କରାଯିବ।

ଇପିଏଫ୍‌ଓର ୭୪ ତମ ସ୍ଥାପନା ଦିବସରେ କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏଲିଜିବଲ ଡିଆକ୍ଟିଭ୍ ଇପିଏଫ୍ ଖାତାର ଅଟୋମେଟିକ ସେଟଲମେଣ୍ଟ ସିଷ୍ଟମ ଲଞ୍ଚ କରିଛନ୍ତି। ଏହାଦ୍ୱାରା ଯେଉଁ ଇନଅପରେଟିଭ୍ ପିଏଫ୍ ଖାତାରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପଡ଼ି ରହିଛି ଓ ଯାହାର ଆଧାର ଭେରିଫାଏଡ୍ ହୋଇଛି, ସେମାନଙ୍କୁ କ୍ଲେମ ଫର୍ମ ଭରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହା ଆପେ ଆପେ ଆକ୍ଟିଭ ହୋଇଯିବ।

୨୦୬୭ ସେବକ ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର

ଭୁବନେଶ୍ୱର,୧।୧୧(ମହାଭାରତ): ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ରବିବାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ଅନୁଷ୍ଠିତ ୧୮ତମ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ଆମ ସରକାରଙ୍କ ପ୍ରାଥମିକତା। ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜି ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଆଜି ସୁଦ୍ଧା ୨୮,୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି



ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି। ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି।ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ। ସେମାନଙ୍କର ମାର୍ଗଦର୍ଶନ କରନ୍ତୁ । କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ। 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ । ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସିପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ତେଣୁ ତା ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଏକାମ୍ର ବିଧାୟକ ବାବୁ ସିଂ ଓ ଉନ୍ନୟନ କମିଶନର ଡିକେ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଛେନା ପୁର ମଣ୍ଡା ପିଠା

ଆବଶ୍ୟକ ସାମଗ୍ରୀ : ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥରେ ଅରୁଆ ଚଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଅାପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ।ଯ ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

ହନୁମାନ ଶ୍ରୀରାମଙ୍କ ଏତେ ପ୍ରିୟ କାହିଁକି ?



ଜଣେ ସ୍ୱାମୀ ତୁଳସୀଦାସ ସୁନ୍ଦରକାଣ୍ଡ ରଚନା କରୁଥିବାବେଳେ ହନୁମାନଙ୍କ ଗୁଣ ବିଷୟରେ ବିଚାର କରୁଥିଲେ। ସେ ଭାବିଥିବା ସମସ୍ତ ଗୁଣ ହନୁମାନଙ୍କ ନିକଟରେ ଥିଲା। ତେଣୁ ହନୁମାନଙ୍କୁ ପ୍ରଶଂସା କରିବାବେଳେ ସେ ତାଙ୍କୁ 'ସର୍ବ ଗୁଣୀ' ବୋଲି କହିଛନ୍ତି। ସଂସ୍କୃତ ସାହିତ୍ୟରେ କେବଳ ବଜରଙ୍ଗବାଲି ଏହି ସମ୍ମାନ ପାଇଛନ୍ତି। ଯଦିଓ ଭଗବାନଙ୍କର ସମସ୍ତ ରୂପ ନିଜ ଭିତରେ ସଂପୂର୍ଣ୍ଣ, ହନୁମାନ ହିଁ ଏକମାତ୍ର ଯିଏ କୌଣସି କାର୍ଯ୍ୟରେ ବିଫଳ ହୋଇନଥିଲେ। ଜଣେ ସ୍ୱାମୀ ତାଙ୍କ ସେବକଙ୍କଠାରୁ କାର୍ଯ୍ୟରେ ନିଶ୍ଚିତ ସଫଳତା ବ୍ୟତୀତ ଅନ୍ୟ କ'ଣ ବା ଚାହିଁବେ। ପବନପୁତ୍ର ତାଙ୍କର ଅନେକ ଗୁଣ ଯୋଗୁଁ ଭଗବାନ ଶ୍ରୀରାମଙ୍କ ପାଇଁ ପ୍ରିୟ ଥିଲେ। ଏହି ଗୁଣଗୁଡ଼ିକ ମଧ୍ୟ ଆମ ଜୀବନରେ ବଡ଼ ପରିବର୍ତ୍ତନ ଆଣିବାର ଶକ୍ତି ରଖିଥାଏ। ତେବେ ଜାଣିବା ତାଙ୍କର କେଉଁ ସବୁ ଗୁଣ ଥିଲା ଯେଉଁଥିପାଇଁ ସେ ଭଗବାନ ଶ୍ରୀରାମଙ୍କ ଅତିପ୍ରିୟ ଥିଲେ। ବୀରତା, ସାହସ, ପ୍ରଭାବଶାଳୀ, ସମର୍ପଣ, ଆଦର୍ଶ, ସର୍ବାଦା ସଚେତ ରହିବା, ବୌଦ୍ଧିକ କୁଶଳତା, ସଚ୍ଚେଟତା ଓ ନେତୃତ୍ୱ କ୍ଷମତା ସହ ସେ ସମ୍ପୂର୍ଣ୍ଣ ବ୍ୟକ୍ତି ଥିଲେ। ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଲଙ୍କାକୁ ପହଞ୍ଚିବା, ମାତା ସୀତାଙ୍କୁ ନିଜକୁ ରାମଦୂତ ବୋଲି ବିଶ୍ୱାସ କରାଇବା, ଲଙ୍କାକୁ ଜଳାଇ ଭସ୍ମ କରିବା - ତାଙ୍କର ଏହି ଗୁଣଗୁଡ଼ିକ ବିଷୟରେ ବଖାଣିଛନ୍ତି।



ନିଷ୍ଠାବାନ ଭୀଷ୍ମ



ମହାଭାରତରେ ଅନେକ ନାୟକ ଅଛନ୍ତି । ତେବେ ପ୍ରତ୍ୟେକ ଚରିତ୍ରଙ୍କ କେତେକ ବିଶେଷ ଗୁଣ ରହିଥିଲା । ସେମାନଙ୍କ ଏହି ଗୁଣ ମାନବ ସମାଜକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ । ମହାଭାରତର ଏମିତି ଜଣେ ଗୁରୁତ୍ୱପୂର୍ଣ୍ଣ ନାୟକ ହେଉଛନ୍ତି ପିତାମହ ଭୀଷ୍ମ । ସେ କୁରୁ ବଂଶର ରାଜା ଶାନ୍ତନୁ ଏବଂ ଦେବୀ ଗଙ୍ଗାଙ୍କ ପୁତ୍ର ଥିଲେ । ଭୀଷ୍ମଙ୍କ ଭଳି ନିଷ୍ଠା ମହାଭାରତର ଅନ୍ୟ କୌଣସି ଚରିତ୍ରଙ୍କ ଠାରେ ଦେଖିବାକୁ ମିଳିନଥାଏ । ପିତାମହଙ୍କ ମୂଳ ନାମ ଥିଲା ଦେବବ୍ରତ । ସେ ଆଜୀବନ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିବା ଲାଗି ଭୀଷଣ ପ୍ରତିଜ୍ଞା ନେଇଥିଲେ । ସେଥିପାଇଁ ତାଙ୍କ ନାମ ଭୀଷ୍ମ ହୋଇଥିଲା । ହସ୍ତିନାପୁର ରାଜ୍ୟର ରାଜପଦକୁ ଅସ୍ୱୀକାର କରି ସେ ସିଂହାସନର ସୁରକ୍ଷା ପାଇଁ ନିଜ ପିତା ଏବଂ ବିମାତାଙ୍କୁ ବଚନ ଦେଇଥିଲେ । ଭୀଷ୍ମଙ୍କ ହୃଦୟରେ ଧର୍ମ ରହିଥିଲା । ସେ ପାଣ୍ଡବମାନଙ୍କୁ ସେମାନଙ୍କର ଅଧିକାର ଦେବା ଲାଗି ହସ୍ତିନାପୁର ରାଜା ଧୃତରାଷ୍ଟ୍ର ଏବଂ ତାଙ୍କ ପୁତ୍ର କୌରବଙ୍କ ନିକଟରେ ଦାବି କରିଥିଲେ । ମାତ୍ର ସେମାନେ ଭୀଷ୍ମଙ୍କ କଥା ଶୁଣିନଥିଲେ । କୌରବମାନେ ଅଧର୍ମ ପକ୍ଷରେ ଥିଲେ ଏବଂ ପାଣ୍ଡବମାନେ ଧର୍ମ ପକ୍ଷରେ । ଏହା ଜାଣି ସୁଦ୍ଧା ଭୀଷ୍ମ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରିଥିଲେ । କାରଣ ତାଙ୍କର ହସ୍ତିନାପୁର ରାଜସିଂହାସନ ପ୍ରତି ଗଭୀର ନିଷ୍ଠା ରହିଥିଲା । ଏହି ନିଷ୍ଠା କାରଣରୁ ସେ ସିଂହାସନ ପ୍ରତି ନିଜର କର୍ତ୍ତବ୍ୟ ତୁଲାଇଥିଲେ । ଅନ୍ୟପକ୍ଷରେ ପିତାମହ ହୋଇଥିବା ଦୃଷ୍ଟିରୁ ତାଙ୍କର ପାଣ୍ଡବମାନଙ୍କ ପ୍ରତି କେତେକ କର୍ତ୍ତବ୍ୟ ରହିଥିଲା । ତେଣୁ ଯୁଦ୍ଧ ସମୟରେ ସେ ଅର୍ଜୁନଙ୍କୁ ନିଜର ମୃତ୍ୟୁ ରହସ୍ୟ କହିଦେଇଥିଲେ । ଶେଷରେ ଶ୍ରୀଖଣ୍ଡିନୀ ଆଗକୁ ଆସିବାରୁ ଭୀଷ୍ମ ଅସ୍ତ୍ର ତ୍ୟାଗ କରି ମୃତ୍ୟୁକୁ ବରଣ କରିଥିଲେ । ଏହା ପାଣ୍ଡବଙ୍କ ସହିତ ରହିଥିବା ତାଙ୍କର ସମ୍ପର୍କ ପ୍ରତି ନିଷ୍ଠା ଥିଲା । ନିଃସନ୍ତାନ ହୋଇସୁଦ୍ଧା ନିଜର ବଂଶଜଙ୍କ ପ୍ରତି ନିଷ୍ଠା ରହିବା କାରଣରୁ ସେ ପ୍ରସିଦ୍ଧ ହୋଇପାରିଥିଲେ ।

ଦେବାଦେବୀଙ୍କ ବାହନ

ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନ ମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହାନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ୍ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି। ଆସନ୍ତୁ ଜାଣିବା ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ। ବୃଷଭ



ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିସ୍ତମ୍ଭ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୂର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୂର ବାହାନକୁ ଗ୍ରହଣ କଲେ କାରଣ ମୟୂର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ । ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା' ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ। ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହସଂକୁ ବାହନ ରୂପେ ଗ୍ରହଣ କରି ମା' ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପର ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ଲକ୍ଷ୍ମୀଙ୍କ ବାହାନ ଅଟେ ପେଚା ।

ଲୋ' ବ୍ଲଡପ୍ରେସର ଥିଲେ କ'ଣ ଖାଇବେ ?



ଅଣ୍ଡା: ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହାର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ। ଡାର୍କ ଚକୋଲେଟ: ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

ଅଙ୍ଗୁର ଜୁସ୍: ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରଭାବଶାଳୀ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ । ତରଳ ପଦାର୍ଥ: ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମ୍‌ରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

ପନିର: ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବେ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

ଚିନି ଯୁକ୍ତ ଖାଦ୍ୟ: ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହି ସମୟରେ ଏଭଳି କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି ମଧ୍ୟ ପିଇ ପାରିବେ।

ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ୍ୟ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଅାଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍‌ଲ୍ଟେକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଅାଶଙ୍କା କମ କରିପାରେ।

ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା

ଭୁବନେଶ୍ୱର,୧।୧୧ (ମହାଭାରତ): ଆସନ୍ତା ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ୍, ଶ୍ରେଷ୍ଠ ଭାରତ୍' କଳ୍ପନାକୁ ସାକାର କରିବା ପାଇଁ ଦେଶର ୧୪୦ କୋଟି ଜନସାଧାରଣଙ୍କ ମିଳିତ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପର୍କରେ ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀରୁ ମୟୂରଭଞ୍ଜର ବାଦାମପାହାଡ଼ ପର୍ଯ୍ୟନ୍ତ ଏକ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ନୂତନ ରେଳସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଟ୍ରେନ୍ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ—ଏହି ଛଅଟି ଜିଲ୍ଲା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ସ୍କାଉଟସ, ଗାଇଡସ ପ୍ରତିନିଧି



ଭୁବନେଶ୍ୱର,୧।୧୧ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଏକ ପ୍ରତିନିଧି ମଣ୍ଡଳୀ ଓଡିଶାର ମାନ୍ୟବର ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିବା ଶ୍ରୀଯୁକ୍ତ ବ୍ରଜମୋହନ ରାମଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଯୋଗଦେଇଥିବା ମଣ୍ଡଳୀ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସର ମୁଖ୍ୟ ପୃଷ୍ଠପୋଷକ ତଥା ମାନ୍ୟବର ରାଜ୍ୟପାଳଙ୍କୁ ରାଜ୍ୟ ସ୍କାଉଟିଂର ସଫଳତା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ । ମାନ୍ୟବର ରାଜ୍ୟପାଳ କାର୍ଯ୍ୟକ୍ରମ ବିଷୟରେ ଜାଣି ଖୁସି ବ୍ୟକ୍ତ କରିବା ସହିତ ଏହି କାର୍ଯ୍ୟକ୍ରମ କିପରି ଅଧିକରୁ ଅଧିକ ହୋଇପାରିବ ସେଥିନିମନ୍ତେ ଉତ୍ସାହିତ କରିଥିଲେ ।

ସାଧାରଣ ପ୍ରଶାସନ ବିଭାଗରେ ସାଧୁତାର ଶପଥ ପାଠ

ଭୁବନେଶ୍ୱର,୧।୧୧ (ମହାଭାରତ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ "ସାଧୁତାର ଶପଥ" ପାଠ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ପ୍ରଦତ୍ତ ନିର୍ଦ୍ଦେଶନାମା ଅନୁସାରେ ସାରା ଦେଶରେ ଅକ୍ଟୋବର ୨୬ରୁ ୧ ନଭେମ୍ବର ପର୍ଯ୍ୟନ୍ତ ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ।ଚଳିତ ବର୍ଷର ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ବିଷୟବସ୍ତୁ ରହିଛି "ସାଧୁତାରୁ ସମୃଦ୍ଧି"।



ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉକ୍ରୋଚ ନ ନେବା ଏବଂ ନ ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବାକୁ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ବିଭାଗର ଅନ୍ୟ ବିଭିନ୍ନ ଶାଖାର ବରିଷ୍ଠପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଶପଥ ପାଠ କରିଥିଲେ ।

ବିଏମ୍‌ସିର ୪୫ତମ ସାଧାରଣ ଅଧିବେଶନ

ଭୁବନେଶ୍ୱର,୧।୧୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ୪୫ ତମ ସାଧାରଣ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଏମ୍ ସି କମିଶନର ଚଞ୍ଚଳ ରାଣା, ଡେପୁଟି ମେୟର ମଂଜୁଲତା କହଁର, ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ସିଟି ଇଂଜିନିୟର ପ୍ରଫୁଲ୍ଲ କୁମାର ରଇତ ପ୍ରମୁଖ ମଂଚାସୀନ ଥିଲେ । ଏହି ବୈଠକରେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର ବୃନ୍ଦ, ବିଏମ୍ ସିର ସମସ୍ତ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ ।

ବୈଠକରେ କର୍ପୋରେଟର ୪ ନମ୍ବର ୱାର୍ଡ ସୁକୁମାର ସାହୁଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଡେପୁଟି ମେୟରଙ୍କ ଅଭିଭାଷଣ ପରେ ୧୦ ନମ୍ବର ୱାର୍ଡର ଏକ ରାସ୍ତା ଉଦ୍ଘାଟନ ସମୟରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ମେୟରଙ୍କୁ ନ ଡାକିବା ଏକ ଅବମାନନା ବୋଲି କହିବା ସହ କର୍ପୋରେଟରମାନେ ଏହାର ସମାଧାନ ପାଇଁ ଅଡିବସିଥିଲେ । ସେହି ରାସ୍ତାକୁ ଆଉଥରେ ବିଏମ୍ ସି ପକ୍ଷରୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ପାଇଁ କର୍ପୋରେଟରମାନେ ଦାବିକରିଥିଲେ । ପୁନଃ ଉଦଘାଟନ କରିବାକୁ ମେୟର ପ୍ରତିଶ୍ରୁତି ଦେବାପରେ କର୍ପୋରେଟରମାନେ ନିଜ ନିଜ ଆସନରେ ବସିଥିଲେ ।

ପ୍ରଶ୍ନକାଳ ନଥିବା ସତ୍ତ୍ୱେ, ୩୭ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍ ଗୃହର କାର୍ଯ୍ୟକ୍ରମକୁ ନିଜ ମୋବାଇଲରେ ଲାଇଭ କରିଥିଲେ । ବିଭିନ୍ନ ପ୍ରଶ୍ନ ମେୟର ଓ କମିଶନରଙ୍କୁ ପଚାରିବା ସହ ତାର ସିଧା ପ୍ରସାରଣ କରିଚାଲିଥିଲେ । ଏହା ନିୟମ ବିରୋଧ ହୋଇଥିବାରୁ ମେୟର, କମିଶନର ଏବଂ ସବୁ କର୍ପୋରେଟର ଲାଇଭ ନ କରିବା ପାଇଁ ବାରଣ କରିଥିଲେ । ସେ କାହାରିକୁ ଖାତିର ନ କରି ସିଧା ପ୍ରସାରଣ କରୁଥିବାରୁ କର୍ପୋରେଟରମାନେ କକ୍ଷତ୍ୟାଗ କରିବା ପାଇଁ ବାହାରି ଥିଲେ । ମାତ୍ର ମେୟର ଶ୍ରୀମତୀ ଦାସ ପରିସ୍ଥିତିକୁ ସମ୍ଭାଳିବା ସହ, ଗୃହର ଅମର୍ଯ୍ୟାଦା କରିବା ଏବଂ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବାରୁ ଶ୍ରୀମତୀ ପାଲଙ୍କୁ ମ୍ୟୁନିସପାଲ ଆଇନ ୧୧୪ , ସେକ୍ସନ ୫ ବଳରେ ଗୃହରୁ ସସ୍ପେଣ୍ଡ କରିଥିଲେ । ପରେ କର୍ପୋରେଟରମାନେ ନିଜ ନିଜ ଆସନରେ ବସିଥିଲେ ।

ତେବେ ଏଜେଣ୍ଡା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ, ସହରରେ ବିଦ୍ୟୁତ୍ ଆଲୋକ ଓ ପରିମଳ ବ୍ୟବସ୍ଥାକୁ ନେଇ କର୍ପୋରେଟରମାନେ ପାଟିତୁଣ୍ଡ କରିଥିଲେ । ପରିମଳ କାର୍ଯ୍ୟ ତୁଲାଇବା ପାଇଁ ନୂତନ ଏଜେନ୍ସି ନିଯୋଜନ ନିମନ୍ତେ ଟେଣ୍ଡର ହୋଇଥିଲା । ସେହି ଟେଣ୍ଡର ଅନୁଯାୟୀ ନୂଆ ଏଜେନ୍ସିଙ୍କୁ କାହିଁକି ନିୟୋଜିତ କରାଯାଇ ନାହିଁ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ । ତେବେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହ ଏଜେନ୍ସି ଚୟନ ମଧ୍ୟ ହୋଇସାରିଛି । ସରକାରଙ୍କର ଅନୁମୋଦନ ନିମନ୍ତେ ତାହା ପ୍ରେରଣ କରାଯାଇଛି । ସରକାରୀ ଅନୁମୋଦନ ଲାଭ କରିବା ପରେ ତାହା କାର୍ଯ୍ୟକାରୀ ହେବ ବୋଲି କମିଶନ କହିଥିଲେ । ଏହାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିବା ସହ ପୋଡିୟମ ନିକଟରେ ଧାରଣାରେ ବସିଥିଲେ । ତେବେ ମେୟର ଓ କମିଶନର ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିବେ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ଏଜେଣ୍ଡା ଅନୁଯାୟୀ ଗୃହ ଚାଲିଥିଲା । ପ୍ରଥମେ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦନ ଲାଭ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ପରେ ଗତ ସଭାର ବିବରଣୀ ପାଠ ସହ କାର୍ଯ୍ୟାନ୍ୱୟ ସଂପର୍କରେ ଆଲୋଚନା ହୋଇଥିଲା । ଏହା ପରେ ପ୍ରଶ୍ନୋତ୍ତର ଏବଂ ପରେ କର୍ପୋରେଟର ଓ ବିଭିନ୍ନ ଉପବିଭାଗୀୟ ଅଧିକାରୀଙ୍କଠାରୁ ଆସିଥିବା ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଲୋଚନା ପ୍ରାରମ୍ଭରୁ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରାଯାଇଥିଲା । ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ପୋରେଟରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମେୟର ଓ କମିଶନର ଦେଇଥିଲେ ।

ଧଳାକୋଟ୍ ଏକ ପୋଷାକ ନୁହେଁ, ରୋଗୀଙ୍କ ବିଶ୍ୱାସ

ଭୁବନେଶ୍ୱର,୧।୧୧ (ମହାଭାରତ): ରୋଗୀଙ୍କ ଦାନ୍ତର ଚିକିତ୍ସା ପାଇଁ ଦକ୍ଷତା ଆବଶ୍ୟକ। କିନ୍ତୁ ରୋଗୀଙ୍କ ବିଶ୍ୱାସ ଜିତିବା ପାଇଁ ସମ୍ବେଦନଶୀଳତା ଓ କରୁଣା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନସେସ୍ (ଆଇଡିଏସ୍)ର ୨୦୨୬ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ନବାଗତ ବିଡିଏସ୍ ଓ ଏମ୍‌ଡିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶନିବାର ଆୟୋଜିତ ଓରିଏଂଟେସନ୍ ଓ ହ୍ୱାଇଟ କୋଟ ସେରିମୋନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଧଳା କୋଟ୍ କେବଳ ଏକ ପୋଷାକ ନୁହେଁ, ଏହା ଜ୍ଞାନ, ଚିକିତ୍ସାଗତ ଦକ୍ଷତା, ସଚ୍ଚୋଟତା ଓ ମାନବିକତାର ପ୍ରତୀକ। ତେଣୁ ଛାତ୍ରଛାତ୍ରୀମାନେ ଏହି ଚିକିତ୍ସା ବୃତିର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ରୋଗୀଙ୍କ ପ୍ରତି ଥିବା ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ଆବଶ୍ୟକ ବୋଲି ଶ୍ରୀମତି ଦାସ କହିଥିଲେ। ସୋଆ ତା'ର ସବୁ ଅନୁଷ୍ଠାନରେ ଗୁଣବତାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଆଇଡିଏସ୍ ଲଗାତାର ଭାବେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ର୍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ର୍ୟାଙ୍କିଙ୍ଗରେ ୨୦୨୫ରେ ଦେଶର ଶ୍ରେଷ୍ଠ ୯ମ ଦନ୍ତ ଚିକିତ୍ସା ଅନୁଷ୍ଠାନ ଭାବେ ନିଜ ସ୍ଥାନ ବଜାୟ ରଖିଛି। ତେଣୁ ଏହି ଅନୁଷ୍ଠାନର ଗାରିମାକୁ ଛାତ୍ରଛାତ୍ରୀ ହିଁ ଆଗକୁ ନେଇପାରିବେ ବୋଲି ଶ୍ରୀମତି ଦାସ ମନ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଡିଏସ୍‌ର ଡିନ ପ୍ରଫେସର ରୁଚି ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସୋଆ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱରର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇଡିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ଅଭିଜିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ଗାଥା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ହିପୋକ୍ରାଟିକ୍ ଶପଥ କରାଇଥିଲେ।



ବିଜେପି ସରକାରଙ୍କ ଉପରେ ବର୍ଷିଲେ ସୁଜାତା

ଭୁବନେଶ୍ୱର,୧।୧୧ (ମହାଭାରତ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଠାରେ ବିଜେଡି ପକ୍ଷରୁ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଶାଳ ଜନ ସମ୍ପର୍କ ପଦଯାତ୍ରା ଶିବ ମନ୍ଦିର ନିକଟରୁ ବାହାରି ବସ ଷ୍ଟାଣ୍ଡ ହୋଇ ସହର ପରିକ୍ରମା କରି ଆରଏମସି ଠାରେ ଶେଷ ହୋଇଥିଲା । ସେଠାରେ ଏକ ବିଶାଳ ଜନ ସଭାର ଆୟୋଜନ କରାଯାଇଥିଲା। ଡୁଙ୍ଗୁରିପାଲି ବ୍ଲକ ସଭାପତି ଶ୍ରୀ ହିଂମାଂଶୁ ଶେଖର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ବିଜେଡି ନେତ୍ରୀ ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି ଯେ, ଏମଏମଡିଆର ଆଇନ ଯୋଗେ ଓଡିଶାର ଖଣି ଅଧିକାରକୁ କେନ୍ଦ୍ର ସରକାରଙ୍କ ହାତକୁ ଟେକି ଦିଆଗଲା । କୋଟିଆ ପ୍ରସଙ୍ଗରେ ଚୁପ ରହି ଆନ୍ଧ୍ର ପ୍ରଦେଶ ସରକାରଙ୍କୁ କୋଟିଆ ସମର୍ପଣ କରି ଦେଇଛନ୍ତି । ମହାନଦୀ ଜଳ ମଧ୍ୟ ଛତିଶଗଡକୁ ଦେବାକୁ ବିଜେପି ସରକାର ଚକ୍ରାନ୍ତ ଚଳାଇଛନ୍ତି । ବିଜେପି ସରକାରଙ୍କ ଓଡିଆ ଅସ୍ମିତାକୁ ଓଡିଶାବାସୀ ଜାଣି ସାରିଲେଣି । ତାହାକୁ ହୃଦୟଙ୍ଗମ କରି ସାରିଲେଣି । ଓଡିଶାର ଜଳ, ଜଙ୍ଗଲ, ମାଟି ସବୁ ଲୁଣ୍ଠିତ ହେଉଛି । ବୃଦ୍ଧବୃଦ୍ଧାମାନେ ଭତ୍ତା ପାଇଲେ ନାହିଁ । ଠିକଣା ସମୟରେ ଏହାର ଜବାବ ରାଜ୍ୟ ବାସୀ ଦେବେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ କଳିକେଶ ନାରାୟଣ ସିଂହଦେଓ, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ସୁଦର୍ଶନ ହରିପାଲ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ପୂର୍ବତନ ବିଧାୟକ ଶ୍ରୀ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟିକା ଦୀପାଳି ଦାସ ସମେତ ପଶ୍ଚିମ ଓଡ଼ିଶାର ଅନେକ ବିଧାୟକ, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।



ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବିଙ୍କ ଜୟନ୍ତୀ



ଭୁବନେଶ୍ୱର,୧।୧୧ (ମହାଭାରତ): ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ଼ଃ. ସୁରେନ୍ଦ୍ର ମିଶ୍ର ଗଣକବିଙ୍କୁ ଛଳନା ଓ ପ୍ରତାରଣା ବିହୀନ ବ୍ୟକ୍ତି ଥିଲେ ବୋଲି କହିବା ସହିତ ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ବୈଷ୍ଣବ ପାଣି ଯୋଗଦେଇ "ସରିଗଲା ବାବୁ ଓଡିଶା ଦେଶ-କା ଆଗେ କହିବି ଏ କରମ ଦୋଷ" ଗୀତ ଗାଇଥିଲେ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳଚନ୍ଦ୍ର ମହାନ୍ତି ଗଣକବିଙ୍କ ଗୁଣଗାନ କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖାର ସଭାପତି ଦିଲ୍ଲୀପ ଦାଶଶର୍ମା କହିଥିଲେ ଯେ, ଗଣକବି ବୈଷ୍ଣବ ପାଣି ୧୯୦୩ ମସିହାରେ ଇଦ୍‌ଗା ପଡ଼ିଆରେ ଯେଉଁ ଗୀତ ବୋଲିଥିଲେ ତାହା ଆଜି ଦିନ ପାଇଁ ପ୍ରଯୁଜ୍ୟ, କାରଣ ଓଡ଼ିଶାର ସୀମା ଆଜି ସଙ୍କଟରେ ଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଯୁଗ୍ମ-ସମ୍ପାଦକ ଶିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଓ ସମ୍ମିଳନୀର କାର୍ଯ୍ୟବାହିନୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ ଯୋଗ ଦେଇ ଥିବାବେଳେ ପରିଷଦ ସଦସ୍ୟ ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

ଖଡ଼୍‌ଗେ, ରାହୁଲଙ୍କ କୁଶପୁତଳିକା ଦାହ

ଭୁବନେଶ୍ୱର,୧।୧୧ (ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଦେଇଥିବା ବିବାଦୀୟ ମନ୍ତବ୍ୟଙ୍କୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି କଂଗ୍ରେସ ଅଧ୍ୟକ୍ଷ ଯେଉଁଭଳି ହୀନ ମନ୍ତବ୍ୟ ଦେଇଛନ୍ତି ତାହାକୁ କେବେ ସହ୍ୟ କରାଯିବ ନାହିଁ। ମୋଦିଜୀଙ୍କ ବାପାଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ଖଡ଼୍‌ଗେ ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ମୋଦିଜୀ ଏବଂ ତାଙ୍କ ପରିବାରକୁ ନେଇ କଂଗ୍ରେସ ପକ୍ଷରୁ ଅପମାନଜନକ ମନ୍ତବ୍ୟ ଦିଆଯାଇଛି। ରାଜନୀତିରେ ଏଭଳି ମନ୍ତବ୍ୟ ଦେଇ ଖଡ଼୍‌ଗେ ଭାଷା ଓ ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି। ଏହା କେବଳ ଖଡ଼୍‌ଗେଙ୍କ ଭାଷା ନୁହେଁ ବରଂ ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ହତାଶା ଭାବକୁ ପ୍ରତିଫଳନ କରୁଛି। ଏଭଳି ଅଶାଳୀନ ମନ୍ତବ୍ୟ ପାଇଁ



ସମସ୍ତଙ୍କ ଆଗରେ ଖଡ଼୍‌ଗେ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ବିଜେପି ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଂଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। "ଅସଫଳତାରୁ ଅସଭ୍ୟତା କଂଗ୍ରେସର କୁତ୍ସିତ ମାନସିକତା", "ଅସଭ୍ୟ ହତାଶ କଂଗ୍ରେସ" ଆଦି ନାରାବାଜି କରାଯାଇ ଉଭୟଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ସରୋଜ କୁମାର କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାଏ, ମନୋଜ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ରାଜ୍ୟ ପ୍ରବକ୍ତା ଶତରୂପା ମିଶ୍ର, ତୃପ୍ତୀମୟୀ ମକଦ୍ଦମ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ସୁବ୍ରତ କୁମାର ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ଅନୁଜା ନନ୍ଦ, ସାଧାରଣ ସମ୍ପାଦିକା ପ୍ରବୀଣା ଭଞ୍ଜଦେଓ, ସମ୍ପାଦିକା ନମିତା ମିଶ୍ର, ଭୁବନେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପ୍ରଧାନ, କଟକ ଗ୍ରାମିଣୀ ସଭାନେତ୍ରୀ ସ୍ୱାଗତା ପଟ୍ଟନାୟକ, କର୍ପୋରେଟର ଯଶୋଧରା ପ୍ରଧାନ, ବନ୍ଦିତା ପାଲଙ୍କ ସମେତ ବହୁ ମହିଳା ଓ ଯୁବ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।

ଅରାଜକତା ସୃଷ୍ଟି ଉଦ୍ୟମ

ଛାତ୍ର ଜୀବନରୁ ନେତୃତ୍ୱ ନେବାର କଳା କୌଶଳ ଶିଖିବା ଉଚିତ। କିନ୍ତୁ ନେତାମାନେ ଅନ୍ୟମାନଙ୍କୁ ପ୍ରଭାବିତ ନକରନ୍ତୁ। ନେତୃତ୍ୱର ଅର୍ଥ ନୁହେଁ ଯେ, କେବଳ ଆନ୍ଦୋଳନ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ କରିବା ହେଉଛି ସବୁଠାରୁ ଶ୍ରେଷ୍ଠ ନେତୃତ୍ୱର ପରିପ୍ରକାଶ। ନଚେତ ସେମାନେ ଭବିଷ୍ୟତରେ ସଂସଦ ବା ବିଧାନସଭାରେ ବିତର୍କରେ ଭାଗ ନେଇ ପାରିବେ ନାହିଁ ଏବଂ ଗଣତନ୍ତ୍ର ଦୁର୍ବଳ ହୋଇଯିବ। ଛାତ୍ରଜୀବନ ହେଉଛି ଶିକ୍ଷା ଏବଂ ତାଲିମର ସମୟ। ଜଣେ ବ୍ୟକ୍ତିର ଜୀବନ କାଳ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ ସମୟ। ଏହାର ଦୁରୁପଯୋଗ କରାଯିବା ଅନୁଚିତ। ଏହା ହେଉଛି ଶିଖିବାର ସମୟ। ଏହାକୁ ହାତଛଡ଼ା କଲେ ଆଉ ସେ ସୁଯୋଗ ମିଳିନପାରେ। ତେଣୁ ଜଣେ ଛାତ୍ର ତାର ସମସ୍ତ ସମୟ କେବଳ ଶିଖିବାରେ ବା ତାଲିମ ନେବାରେ ଅତିବାହିତ କରିବା ଉଚିତ। ଏହା ସହିତ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଯଥାସମ୍ଭବ କରିବା ଉଚିତ। କିନ୍ତୁ ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ଗ୍ରହଣ କରିବା। ଏହି ଶିକ୍ଷା ହିଁ ଭବିଷ୍ୟତରେ ନିଜର ପରିବାର ବା ଦେଶ ଗଠନରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଯେଉଁମାନେ ଛାତ୍ର ଜୀବନରେ ଯେତିକି ଅଧ୍ୟବସାୟୀ ହୋଇଥାଆନ୍ତି ସେମାନେ ପରିବର୍ତ୍ତୀ ସମୟରେ ସେତିକି ସଫଳ ହୋଇଥାଆନ୍ତି। କହିବା ବାହୁଲ୍ୟ ଯେ, ସବୁ ଛାତ୍ର ଯୁବକ ନୁହଁନ୍ତି ବା ସବୁ ଯୁବକ ଛାତ୍ର ନୁହଁନ୍ତି। ଛାତ୍ର କହିଲେ କେବଳ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ପଢୁଥିବା ବ୍ୟକ୍ତି ନୁହଁନ୍ତି। ଛାତ୍ର ଶବ୍ଦର ସଂଜ୍ଞା ଅତି ବ୍ୟାପକ। ଜଣେ ୧୫ବର୍ଷର କିଶୋର ଯଦି ସାଇକେଲ ମରାମତି ଶିଖୁଛି, ଜଣେ ଦର୍ଜୀ କାମ ଶିଖୁଛି, ଜଣେ ନିଜକୁ ଖେଳାଳୀ ଭାବେ ପ୍ରତିଷ୍ଠା କରୁଛି ଏବଂ ନିୟମିତ ତାଲିମ ଗ୍ରହଣ କରୁଛି ସେ ମଧ୍ୟ ଜଣେ ଛାତ୍ର। ଜଣେ ଆଦର୍ଶର ଛାତ୍ରର ଲକ୍ଷଣ ହେଲା ଯେ ନିଜର ସବୁ କିଛି ବାଜି ଲଗାଇ ଶିକ୍ଷାଗ୍ରହଣ କରୁଛି। ଭବିଷ୍ୟତରେ ଏହା ତାର ପରିବାର ପ୍ରତିପୋଷଣ ମାଧ୍ୟମ ହୋଇପାରେ। ଏହା ତାକୁ ସାରା ବିଶ୍ୱରେ ପରିଚିତ କରାଇପାରେ। ଯିଏ ଯାହା ଶିଖୁଛି ସେଥିରେ ଶ୍ରେଷ୍ଠତା ହାସଲ କରିବାକୁ ପ୍ରୟାସ କରିବା ଉଚିତ। ଏହା ତାର ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। କେବଳ ଜଣେ ନିଜର ପେଷା ଲାଗି ଶିକ୍ଷା ଗ୍ରହଣ କରିବାକୁ ନୁହେଁ, ଜ୍ଞାନ ଆହରଣ ଲାଗି ପାଇଁ ମଧ୍ୟ ଶିକ୍ଷା ଗ୍ରହଣ କରାଯାଇପାରେ। ପାରମ୍ପରିକ ଶିକ୍ଷା ସହିତ ଜଣେ ଛାତ୍ରକୁ ତା'ର ଶିକ୍ଷକ, ଗୁରୁଜନ ଏବଂ ପରିବାର ସଦସ୍ୟମାନେ ନୈତିକ ଶିକ୍ଷା ମଧ୍ୟ ଦେବା ଉଚିତ। ଏବେ ଦେଶରେ ଆନ୍ଦୋଳନରେ ମାତିଥିବା ଯୁବ ବର୍ଗ ବା ଜେନ-ଜିଙ୍କୁ ଅନେକ ପ୍ରଶଂସା ଏବଂ ସ୍ୱାଗତ କରୁଛନ୍ତି। ଯାହା ହେଉ ଯୁବ ଗୋଷ୍ଠୀ ସଚେତନ ହେଉଛନ୍ତି, ସେମାନେ ପ୍ରତିବାଦର ସ୍ୱର ଉଠାଉଛନ୍ତି ଏଥିରେ ଅନେକ ଅଶ୍ୱାସ୍ତ। ଅନେକ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ବିଶେଷ କରି ରାଜନୈତିକ ଦଳମାନେ ଯୁବକ, ଛାତ୍ରମାନଙ୍କୁ ଜେନ ଜୀରେ ସାମିଲ ହେବାକୁ ପ୍ରଶଂସା ଏବଂ ପ୍ରରୋଚିତ କରୁଛନ୍ତି। ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ ସେମାନେ ଉଲ୍ଲସିତ। ଏଭଳି ଆନ୍ଦୋଳନ ହେଲେ ସରକାର ବଦଳିଯିବ ବୋଲି ସେମାନେ ଆଶା ରଖୁଛନ୍ତି। ସେମାନେ ନିଜ ରାଜନୈତିକ ଇଚ୍ଛାକୁ ଚରିତାର୍ଥ କରିବା ନିମନ୍ତେ ଛାତ୍ରମାନଙ୍କୁ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ଏକ ବିପଜ୍ଜନକ ପ୍ରକ୍ରିୟା। ଦେଶରେ ଅରାଜକତା ସୃଷ୍ଟି ଲାଗି ଏକ ଉଦ୍ୟମ ହେଉଛି। ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା, ଅନ୍ୟାୟର ପ୍ରତିବାଦ କରିବାର ଯଥାର୍ଥତା ରହିଛିଚ୍ଛିନ୍ତୁ ଏଥିରେ ଛାତ୍ରମାନଙ୍କୁ କାହିଁକି ବଳି ପକାଯାଉଛି ? ସେମାନଙ୍କର ପ୍ରଥମ କାର୍ଯ୍ୟ ହେଲା ଶିକ୍ଷା ଗ୍ରହଣ କରିବା। ମହାତ୍ମା ଗାନ୍ଧି ଛାତ୍ରଜୀବନରେ ଆନ୍ଦୋଳନ କ'ଣ ଜାଣିନଥିଲେ। ୩୦ ବର୍ଷ ପରେ ସେ ରାଜନୈତିକ ଜୀବନ ଆରମ୍ଭ କଲେ। ଯେଉଁମାନେ ଭବିଷ୍ୟତରେ ରାଜନୀତି କରିବାର ଲକ୍ଷ୍ୟ ରଖିଛନ୍ତି, ସେମାନେ ଛାତ୍ରଜୀବନରୁ ଏଥିଲାଗି ତାଲିମ ନେବା ଉଚିତ। ଏହାର ଯଥାର୍ଥତା ରହିଛି।

ପକେଟମାରୁକୁ ସାବଧାନ

॥ ଅଜୟ କୁମାର ବେହେରା ॥

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର।

ଜନଗହଳି ଲାଗିଥିବା ସ୍ଥାନ, ଯଥା ରଥଯାତ୍ରା, ମକରମେଳା, ହାଟ, ବାଲିଯାତ୍ରା, ସଦୃଶ ସାମୟିକ ଭିଡ଼ ତଥା ରେଳଷ୍ଟେସନ ବସଷ୍ଟାଣ୍ଡ ଆଦି ସବୁ ଦିନଆ ଭିଡ଼ ସ୍ଥାନରେ ଅନେକ ସ୍ଥଳରେ କାନ୍ଥବାଡ଼ରେ ଏପରି ଧାଡ଼ିଏ ସାଇନବୋର୍ଡ ଲେଖାଯିବା ଦେଖାଯାଏ ପୁଣି ଯାତ୍ରା କର୍ତ୍ତୃପକ୍ଷ ବା କେହି ସଂସ୍ଥା ଡାକବାଜୀ ଯନ୍ତ୍ରରେ ମଧରେ ମଧରେ ଏପରି ଧାଡ଼ିଟିକୁ ବାରମ୍ବାର ପ୍ରଚାର କରୁଥାନ୍ତି। ଯେଉଁମାନେ କିଛି କଣିବାକୁ ଅର୍ଥ ଧରି ଆସିଥିଲେ ସେମାନେ ଗୁପ୍ତ ଭାବରେ ପକେଟରେ ଅଣ୍ଟାରେ ଭାନିଟ ବ୍ୟାଗରେ ମନି ବ୍ୟାଗରେ ରଖିଥିଲେ ଏଇ ଧାଡ଼ଟି ପଢ଼ିବା ପୁଣି ଠିକ ଧନ ରଖିବା ସ୍ଥାନକୁ ଲୋକେ ସାଥି ସାଥି ଖୋଜ କରି ସାବଧାନ ହୋଇଥାନ୍ତି। ମାତ୍ର ଚୋର ଜଣକ ପୋଷାଦାର ହୋଇ ପର୍ଯ୍ୟବେକ୍ଷଣ ଯଦି ଏପରି କେତେ ଲୋକଙ୍କୁ ଦେଖି ନିଅନ୍ତି। ସେମାନେ ବ୍ୟକ୍ତିର ଅଙ୍ଗସଞ୍ଚାଳନ ହାତର ସ୍ୱର୍ଶ ସ୍ଥାନ ଜାଣି ସେଠାରୁ କିଛି ଧନ ହରଣ କରାଯାଇପାରିବ ଏହାର ଯାଜନା ତତ୍କାଳ ଆରମ୍ଭ କରି ତାର ପିଛା କରନ୍ତି ଓ ଉଦ୍ଦିଷ୍ଟ ସ୍ଥାନରୁ ଧନ ଅପହରଣ ବା ଲୁଟି ନିଅନ୍ତି। କେହି ଉପଦେଶ ଦେବା ଭୁଲ ନୁହଁ ମାତ୍ର ଯେ ଅର୍ଡି ନେଇ ଆସିଛନ୍ତି ତାଙ୍କର ପ୍ରଚାର ପୂର୍ବ ଅବସ୍ଥା ପର ଅବସ୍ଥାରେରେ ଅନେକ ହଠାତ ପରିବର୍ତ୍ତନ ଏପରି ଠକେଇର ଶିକାରକୁ ଖୋରାକ ଯୋଗାଇଥାଏ। ପକେଟମାରମାନେ ଏକ ପ୍ରକାର ମନସ୍ତାତ୍ୱିବିତ। ଏମାନେ ଏଇ ବିଦ୍ୟାକୁ ଭଲ ମାର୍ଗରେ ଲଗାଇଥିଲେ ବହୁ ଲୋକ ପ୍ରିୟ ବା ପୂଣ୍ୟାର୍ଜନ କର୍ମ କରିପାରନ୍ତେ ମାତ୍ର ଯାହା ପାପ ଓ ଭୁଲ ମାର୍ଗ ସେ ମାର୍ଗରେ ସେମାନେ ଯାଇ ତାଙ୍କର ରୋଜିରୋଟି ସଂଗ୍ରହ କରନ୍ତି। ସଂସାରରେ ଯେତେ ପୋଲିସ ବଢୁଛନ୍ତି ସେତେ ଅପରାଧ ବି ବଢୁଛନ୍ତି। ଚୋରୀ ପକେଟ ମାରୁ ଅପରାଧୀମାନେ ବେଳକୁ ବେଳ ନିର୍ଭୀକ ନିଧଡ଼କ ହୋଇ ତାଙ୍କ କାମ କରିବାରେ ବ୍ୟସ୍ତ। ଏସବୁର ନିରାକରଣ ଜଡ଼ ବର୍ତ୍ତମାନ ଅର୍ଥବ। ଶିକ୍ଷାର କୁମ୍ଭାରଶାଳ ହେଉଛି ପ୍ରାଥମିକ ବିଦ୍ୟାଳୟ ଏଠାରେ ପୂର୍ବେ ଶିକ୍ଷକମାନେ ଭବିଷ୍ୟତର ଅପାରାଧି ନହେବା ପାଇଁ ତାଙ୍କ ଛାତ୍ରଛାତ୍ରୀଙ୍କୁ ଦୁଷ୍ଟାମୀ ଅମନଯୋଗୀରୁ ନିବୃତ୍ତି ପାଇଁ କିଛି ଭୟ ପ୍ରଦର୍ଶନ ଛାଟ ବେତ ଭୟ ଶାରୀରିକ ଦଣ୍ଡ କାନ ଧରି ବସଉଠ କରାଇବା ଆଣ୍ଠେଇବା ଶ୍ରେଣୀରେ ଅନ୍ୟ ଛାତ୍ରଙ୍କ ଆଗରେ ଅପମାନ ସୂଚକ କଥା କହି ବା ବେଞ୍ଚରେ ଠିଆ କରାଇବା ଆଦି କରାଉଥିଲେ। ଶ୍ରେଣୀରେ ପାଠ ପଢ଼ାରେ ହେଳା କରୁଥିଲେ ଏପରି ଗୁରୁ ଲଘୁ ଦଣ୍ଡ ବିଧାନ ମାନ ଲଗାଇ ପିଲାକୁ ବାଟକୁ ଆଣୁଥିଲେ। ପିଲାର ମୁରବୀଜନ ବାପା ମାଆ ଶିକ୍ଷକଙ୍କର ଏପରି ଦଣ୍ଡବିଧାନକୁ ବିରୁଦ୍ଧ କରୁନଥିଲେ। ସେମାନେ ବରଂ ଶିକ୍ଷକଙ୍କୁ ପିଲାକୁ ମଣିଷ କରିବାକୁ ଯାହା କରିବାକଥା କରନ୍ତୁ। ଏପରି କହୁଥିଲେ। କିନ୍ତୁ ସମୟ ଆସିଲା ମୁରବୀମାନେ ପିଲାଙ୍କୁ ମୁହଁ ବଢ଼ାଇଲେ। ଶିକ୍ଷକମାନେ ଚାକିରୀ ଭୟ ଆକ୍ରୋଶରେ ପଡ଼ିବା ସହିତ ମିଥ୍ୟାରୋପରୁ ନିଜେ ରକ୍ଷା ପାଇଁ କେବଳ ସ୍ୱ ଡିଉଟି ବତ୍ରୀ ରହି ଦରମା ହାସଲ ପାଇଁ କାମ କରିବାରେ ଲିପ୍ତ।

ବିଦ୍ୟାଳୟରେ ଏକ ଧାନିର କେଇଟି ନାଲି ଅକ୍ଷର ସାର୍ଟିଫିକେଟ ପ୍ରମାଣ ପତ୍ର ଶିରୋନାମାରେ ଡାହାଣ ପଟରେ ଚରିତ୍ର ପାଖରେ ଉତ୍ତମ ଏ ତିନି ଅକ୍ଷର ଲେଖି ଦେଇ ପିଲାର ଭବିଷ୍ୟତକୁ ଉଚ୍ଚଶିକ୍ଷା ଚାକିରୀ ବାଣିଜିକ ଋଣ ପାଇଁ କିଛି ବ୍ୟବସ୍ଥା କରିଛନ୍ତି। ପ୍ରକୃତରେ କଣ ଶିକ୍ଷକଙ୍କ ପ୍ରତି ଅଶୋଭନୀୟ ଆଚରଣ ଦୁଷ୍ଟାମୀ ବିଦ୍ୟାରେ କପି, କପଟ ଆଚରଣ ଏଥିରେ ନିବାରଣ ହୋଇଛି କି ? ଏଇ ପକେଟମାରୁ ଚୋରୀ ବିଦ୍ୟା ସେହି ବିଦ୍ୟାଳୟ ପଠନ କାଳୀନ ଅବେଉଷଣିଆ ଶିକ୍ଷା ଲାଭର ସାର୍ଟିଫିକେଟ ଶିକ୍ଷା ସମାପ୍ତିର ଗହନ କଥାର ସମୟ। ପୋଲିସ ହାତରେ ମୋଟା ଠେଙ୍ଗା ସେ ପୁଣି ମୋଟା ବେତ। ଶିକ୍ଷକଙ୍କ ହାତରେ ଥିଲା ସରୁବେତ। ସରୁବେତ ମାଡ଼ରୁ ଖସି ପୋଲିସର ମୋଟା ଠେଙ୍ଗା କଥାକୁ ବିଦ୍ୟାଳୟ ଶେଷ ପରେ ଆସିବା ଦେଖାଯାଉଛି ପୁଣି ପୂର୍ବେ ପିଲାଟି ବିଦ୍ୟାଳୟରୁ ପାଠ ନପଢ଼ି ଖସି ପଳାଇଲେ ଘରୁ ଆସି ବିଦ୍ୟାଳୟରେ ନପହଞ୍ଚିବା ବା ରାସ୍ତା ଖେଳିବୁଲି ବିଳମ୍ବରେ କ୍ଲାସ ଶେଷରେ ପହଞ୍ଚିବା ବା ବିଦ୍ୟାଳୟର କାର୍ଯ୍ୟ ସମୟର ନସାରି ଘରକୁ ପଳାଇଲେ ଏକ ଅର୍ଥଦଣ୍ଡ ଜୋରିମାନା ଦରମାରେ ଆଦାୟ ହେଉଥିଲା ଯାହା ତାର ଗୁରୁଜନଙ୍କୁ ବହନ କରିବାକୁ ପଡୁଥିଲା। ଏତଦ୍ୱାରା ଗୁରୁଜନମାନେ ସେ ପିଲାଟିକୁ ଅନେକ ଭର୍ତ୍ସନା ବି ଗୃହରେ କରୁଥିଲେ। ବର୍ତ୍ତମାନ ଅପରାଧି ପାଇଁ ତାର ଘରର ଲୋକେ ଅର୍ଥଦଣ୍ଡ ଦେଉଛନ୍ତି। ହାତଗୁଞ୍ଜା ଦେଇ କେମିତି ଅପରାଧିଟି ପାଇଁ ନରମ କୋର୍ଡ଼ ଲଗାଇବାକୁ କାକୁତିମିନତୀ ହେଉଛନ୍ତି। ପୂର୍ବେ ବିଦ୍ୟାଳୟ ଶିକ୍ଷା ପରେ ଗୃହରେ କୌଳିକ ବୃତ୍ତିର ଶିକ୍ଷା ଅନେକଙ୍କ ଘରେ ହେଉଥିଲା। ଶୀଘ୍ର ଅଳ୍ପ ବୟସରେ ବିବାହାଦି ସାରି ଦିଆଯାଉଥିଲା। ଏଥିରେ ବିଭିନ୍ନ ଅପରାଧ ନିବାରଣ ସହଜରେ ଚାପି ହୋଇ ରହୁଥିଲା। ହାତରେ କାମ ରହିଲେ ଅପରାଧକୁ ସମୟ ମିଳୁନଥିଲା। ଯାହା ଏବେ ଅପରାଧକୁ ଖୋରାକ ଯାଗାଉଛି। ମମତା ଏକ ବିରାଟ ବନ୍ଧନ ବେଡ଼ି ଦଉଡି ନଥିବା ବନ୍ଧନ ହେଉଛି ମମତା ପିଲାଙ୍କୁ ଅତିସ୍ନେହ କରିବା। ପିଲାକୁ ସ୍ୱାସାଥିରେ ବସାଇ ଭୋଜନ କରାଇବା ମାଆଙ୍କ ହାତରନ୍ଧା ନିତ୍ୟ ଭୋଜନ ଖାଇବା ଘରେ ବର୍ଷଯାକ ପିଠାପଣା ପ୍ରସ୍ତୁତ କରି ଭୋଜନ କରାଇବା, ସାମାଜିକ ସ୍ତରରେ ବନ୍ଧୁବାନ୍ଧବ ବିବାହ ବ୍ରତ ଜନ୍ମଦିନ ଆଦିରେ ଦାୟିତ୍ୱ କିଛି ନିଭାଇବା ତହିଁରେ ପ୍ରସ୍ତୁତ ମୂଲ୍ୟବାନ ରୁଚିକର ଖାଦ୍ୟ ପାନୀୟ ଖାଇବା ଦ୍ୱାରା ସାମାଜିକ ସ୍ଥିତି ପ୍ରଗାଢ଼କୁ ବନ୍ଧୁ ବାନ୍ଧବ ମେଳି ସମ୍ପର୍କ ରହିବା ଠିକ ଥିଲା। ଏ ସମୟରେ ମାମୁଁ ମଉସା ପିଉସା ମାଉସୀ ପିଇସ ଏପରି ସମ୍ପର୍କ ଅନେକ ପ୍ରକାର ବାଧାପ୍ରଦ ସୂର୍ଯ୍ୟବନ୍ଧୁ ଅନେକ ଅନେକ ସ୍ୱ ଜାତିରେ ବିବାହକୁ ହେୟଜ୍ଞାନ କଲେଣି। ଏପରି ବିବହରେ ଅନେକ ଭୋଜି ଖାଇବାକୁ ଯାଇ ଏକ ଦୁର୍ବଳ ଅନୁଭୂତି ଭୁଲ କାମକୁ ପ୍ରଶୟ ଦେବା ଦେଖୁଛନ୍ତି ମିଛ କଥାରେ ରୋଜଗାର ଜାଲିଆତିରେ ରୋଜଗାରରେ ଗାଡ଼ିବାଡ଼ି ବ୍ୟବହାର କ୍ରୟ ଚାଲୁଛି। ଲୋକେ ଏପରି ହେବାକୁ ଆଉ ଅପରାଧ ଭାବୁ ନାହାଁନ୍ତି। ପୂର୍ବେ ଜେଲଖାନା ଗଲେ ଘରକୁ ଆସିଲେ ଜାତିରେ ଅଟିକ ସାମାଜିକ ବାଛନ୍ଦ ହେଉଥିଲେ ଜାତି ହେଉଥିଲେ ଶରୀର ଶୁଦ୍ଧି ପାଇଁ କାୟଶୁଦ୍ଧି କରୁଥିଲେ। ଏପାଇଁ ବିପ୍ରଭୋଜନ ଜ୍ଞାତି ଭୋଜନପରି ଅର୍ଥ ଶ୍ରାଦ୍ଧ ଧନ୍ଦା ଥିଲେ। ଏବେ ଅପରାଧ କରି ଜେଲ ଯାଇ ଜାମିନ ପ୍ୟାରେଲ ବା ଛାଡ଼ପାଇ ଆସିବା ଦିନ ସାଥି ବନ୍ଧୁ ଫୁଲମାଳ ଦେଇ ଜେଲରୁ ପାଛୋଟି ଆଣୁଛନ୍ତି। ଏଥିରେ କେମିତି ଅପରାଧ ନିବାରଣ ହେବ ?

ପୂର୍ବେ ହରିଜନ ଶ୍ରେଣୀର ଲୋକ ଚୌକିଦାର ଥିଲେ କେହି ଅପରାଧ କରିବା ଖବର ଚୌକିଦାରକୁ ମିଳିଲେ ବା ନିକଟବର୍ତ୍ତୀ ଥାନାରେ ସେ ବ୍ୟକ୍ତି ନାମରେ କେହି ଅଭିଯୋଗ କଲେ ସ୍ଥାନୀୟ ଚୌକିଦାର ଲୋକ ଦ୍ୱାର ମୁହଁରେ ବସି ତାକୁ ଥାନାକୁ ନେଇ ଆସୁଥିଲେ। ବସ ସାଇ ଭାଇ ଜାତିରେ ଏପରି ବ୍ୟକ୍ତି ଓ ତାର ଘର ପରିବାର ଉପରେ ସାମାଜିକ ଅସହଯୋଗ ବାସନ୍ଦ ଲାଗୁଥିଲା। ପରେ ଜାତି ହେବା ପ୍ରାୟଶ୍ଚିତ ଓ ହେବା ପୁଣି ସ୍ୱାଭାବିକ ସ୍ତରରେ ସେ ପରିବାରରେ ଆସୁଥିଲା। ଏବେ ପୋଲିସ ବ୍ୟବସ୍ଥା ବଦଳିଛି। ଅପରାଧି ଏବେ ନିଜକୁ କେବେ ଭୁଲ କାମ ଅସାମାଜିକ ଭାବୁ ନାହାଁନ୍ତି। ତାଙ୍କୁ ବି କେହି ବାସନ୍ଦ କରିବା ସମ୍ଭବ ଏବେନାହିଁ। ପେଟ ପୁରିଲେ ନାଟ ଶେଷ। ଖାଦ୍ୟ ପାନୀୟ ବସ୍ତ୍ର ଅଭାବ ମେଣ୍ଟଣ ହେଲେ କେହି ଚୋରୀ ତସ୍କରୀ କରିବା ସମ୍ଭବ ନୁହେଁ। ଏ ସମୟରେ ଅନେକ ସୁଯୋଗ ପାଉଥିଲା ବେଳେ ଅନେକ ଅବହେଳିତ। ପାଠପଢ଼ି ଅନେକ ବେକାର। ସମ ବୟସ୍କ ବ୍ୟକ୍ତି ବହୁ ଥାଟବାଟରେ ପିତାମାତା ରୋଜଗାର କଳା ଟଙ୍କାରେ ଅୟସ କରୁଛନ୍ତି। ଅନେକ ଦେଖି ଦେଖି କୁମାର୍ଗକୁ ଯିବାକୁ ଉପାୟ ବାଛୁଛନ୍ତି। ପୂର୍ବେ ଲୋକେ ପେଟ ଭରି କେମିତି ଖାଦ୍ୟ ଖାଇବେ କୁମାରୀ ଝିଅଙ୍କ କେମିତି ବିବାହ ହେବ। ବ୍ରାହ୍ମଣ ଗରିବ ପିଲା କେମିତି ଉପନୟନ ହେବ, ପ୍ରତି ଗ୍ରାମ ସାହିରେ ବାରମ୍ବାର ଜନ୍ମଦିନ ପର୍ବ ବିବାହ ବ୍ରତରେ ଭୋଜି ଭାତର ବ୍ୟବସ୍ଥା କରାଯାଉଥିଲା। ଏବେ ଏହା କାହାରି ଘରେ ହେଉନାହିଁ। କଲ୍ୟାଣ ମଣ୍ଡପ ହୋଟେଲରେ ହେଉଛି କାହାରି ପେଡ଼ାଶୀ ଜାତି ସହଯୋଗ ଦରକାର ପଡୁନାହିଁ ଫଳରେ ସୂର୍ଯ୍ୟବନ୍ଧୁମାନେ ଭୋଜି ଭାତକୁ ଦେୟ ଭୋଜିରେ ଯୋଗ ଦେଉଛନ୍ତି ମୂଳ ଘରର ଦାରିଦ୍ର୍ୟ ଖଣ୍ଡନ ଏଥିରେ କରାଯାଉନାହିଁ।

ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ଏଇ ବେକାରୀ ହଟାଇବା ଉପାୟ କରିପାରିଲେ ଅନେକ ଅପରାଧ କମିବାକୁ ଆରମ୍ଭ କରିବ ଓ ଶିକ୍ଷାକୁ କଡ଼ାକଡ଼ି ନିୟମ ରକ୍ଷିମାର୍ଗର ଶିକ୍ଷା କରାଇବାକୁ ପଡ଼ିବ। ଆବାସିକ ଶିକ୍ଷା ଏଥିରେ ଗୋଟିଏ ଭଲ ଉପାୟ। ଯହିଁରେ ପିଲାମାନେ ମୂଳରୁ ନିଜ କାମ ନିଜେ କରିବା ଶିକ୍ଷା କରିବେ ଓ ଧନ୍ଦାମୂଳକ ଶିକ୍ଷା ଲାଭ କରିପାରିବେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟରର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ

ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୭୪୮୮୯୯୮୫୩୨,

ନିଶାମୁକ୍ତ ସମାଜ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନ। ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ନିର୍ବାଚନ ଇସ୍ତାହାରରେ ନାନା ପ୍ରତିଶ୍ରୁତି ଦିଅନ୍ତି ଅର୍ଥାତ୍ ସେମାନଙ୍କ ଦଳ ଶାସନକୁ ଆସିଲେ ଲୋକମାନଙ୍କ ପାଇଁ କ'ଣ କ'ଣ ସବୁ କରିବେ ସେ ନେଇ ଇସ୍ତାହାରରେ ଘୋଷଣାନାମା ଜାରି କରିଥାନ୍ତି। ଭାରତର ପ୍ରଧାନମନ୍ତ୍ରୀ କହିଛନ୍ତି ପୁରା ଭାରତ ମୋ ପରିବାର। ଇଆଡ଼େ ଓଡ଼ିଶାର ମୁଖ୍ୟମନ୍ତ୍ରୀ କହିଛନ୍ତି ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋ ପରିବାରର। ସବୁଠାରୁ ବଡ଼ କଥା ହେଉଛି ଦେଶବାସୀ ବା ରାଜ୍ୟ ବାସୀଙ୍କୁ ନିଜ ପରିବାର ବୋଲି କହିବା ଏକ ଛୋଟିଆ କଥା ନୁହେଁ କାରଣ ଏସବୁ ଭିତରେ ଜଣଙ୍କର ନିଜ ପରିବାର ଲୋକମାନଙ୍କ ପାଇଁ କେତେ ଯେ ଗୁରୁଦାୟିତ୍ୱ ରହିଛି ତାହା ଚିନ୍ତା କରିବାର ଦରକାର। ଆଜିର ସମୟକୁ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ସମାଜରେ ଅନେକ ଦୁଃଖଦ ଓ ସାମାଜିକ ବିଭ୍ରାଟର ମୂଳ କାରଣ ହେଉଛି ନିଶାସେବନ ବା ମଦ୍ୟପାନ ଯାହାକି ଘର ସଂସାର ଠାରୁ ନିଜ କର୍ମକ୍ଷେତ୍ର, ଦୁର୍ଘଟଣାରୁ ଠାରୁ ସଂସାର ଉଜାଡ଼ି ଦେଇଥାଏ ଏହି ଦୁଃଖଦ ବଦଗୁଣଟି। ତେବେ ଏସବୁକୁ ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଜାଣିଛନ୍ତି। ତେବେ ବାସ୍ତବ କଥା ହେଉଛି ଯଦିଓ ଅନେକ ଯୁକ୍ତି କରନ୍ତି ମଦବିକ୍ରିରୁ ସରକାର ଅପର୍ଯ୍ୟାପ୍ତ ରାଜସ୍ୱ ପାଇଥାନ୍ତି ଯାହାକି ଲୋକମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥାଏ କିନ୍ତୁ ଏହା କେତେ ଯେ ଘାତକ କ୍ଷତି କରିଥାଏ ତାହା ଅନେକ ଜାଣିନଥିବେ। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ନିର୍ବାଚନ ଇସ୍ତାହାରରେ ନିଶାମୁକ୍ତ ସମାଜ ବା ମଦମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରୟାସ କ'ଣ ପାଇଁ ହେଉନାହିଁ ?

ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମଦମୁକ୍ତ ଦେଶ ବା ମଦମୁକ୍ତ ରାଜ୍ୟ ଗଠନର ପ୍ରତିବଦ୍ଧତା ତ କାହିଁ ନଜରରେ ପଡୁନି ? ମଦରୁ ରାଜସ୍ୱ ଆସୁଛି ବୋଲି ଯେ ଏହାକୁ ଖାଇ ଲୋକେ ଅସୁସ୍ଥ ହୁଅନ୍ତୁ, ନିଶାଗ୍ରସ୍ତ ହୁଅନ୍ତୁ, ଦୁର୍ଘଟଣାଗ୍ରସ୍ତ ହୁଅନ୍ତୁ ଏବଂ ଅପରାଧୀ ହୁଅନ୍ତୁ କିନ୍ତୁ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇପାରିବ ନାହିଁ। ଜନପ୍ରତିନିଧିମାନେ ସମଗ୍ର ଦେଶକୁ ଏବଂ ଦେଶବାସୀଙ୍କୁ ନିଜ ପରିବାର ବୋଲି କହିବାରେ ଏତେ ଛଳନା ରହିଛି ତାହା ବେଶ ଅନୁମାନ କରିହୁଏ। ସମଗ୍ର ଦେଶ ବା ରାଜ୍ୟକୁ ନିଜ ପରିବାର ବୋଲି ଭାବୁଥିବା ମୁଖିଆଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ପରିବାର ଲୋକମାନଙ୍କ ପାଇଁ ମଦ କିଭଳି ସହଜଲଭ୍ୟ ନହେଉ।

ସମଗ୍ର ଦେଶରେ ମଦ ବିକ୍ରି ଉପରେ ରୋକ ନ ଲାଗିଲେ ମଧ୍ୟ ରାଜ୍ୟ ଚାହିଁଲେ ନିଜ ରାଜ୍ୟରେ ଏହାକୁ ବାରଣ କରିପାରିବେ। କିନ୍ତୁ ଲୋକେ କାଳେ ନକଲି ବିଷାକ୍ତ ମଦ ପିଇ ଅସୁସ୍ଥ ହେବେ ଏଇ ନ୍ୟାୟରେ ଅସଲି ମଦ ଲୋକଙ୍କୁ ଯୋଗାଇ ଦେବା ଯେ କେତେ ଆଦର୍ଶଗତ ନିଷ୍ପତ୍ତି ଏକଥା ଯେକେହି କହିବେ। କଂଗ୍ରେସ ତାର ନିର୍ବାଚନ ଇସ୍ତାହାର ବା ଗ୍ୟାରେଣ୍ଟିରେ ଯେଉଁସବୁ ଘୋଷଣା କରିଛି ତା ଭିତରେ ରହିଛି ମଦମୁକ୍ତ ଗାଁକୁ ପୁରସ୍କାର। କିନ୍ତୁ ଯଦି ଥାଆନ୍ତା ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯିବାର ଘୋଷଣା ତାହେଲେ ସେମାନେ ଅନ୍ୟ ଦଳମାନଙ୍କ ଠାରୁ ଲୋକଙ୍କ ପାଇଁ ଯେ ଅଧିକ ଦରଦୀ ଏକଥା ବୁଝା ପଡ଼ନ୍ତା। ତଥାପି ନିଶାମୁକ୍ତ ଗାଁକୁ ପୁରସ୍କାର ମଧ୍ୟ ଏକ ଉତ୍ତମ ଘୋଷଣା।

ନିର୍ବାଚନ ସମୟରେ ମଦର ବନ୍ୟା ସହରଠୁ ଗାଁ ସବୁଆଡ଼େ ଜୋରଦାର ଦେଖାଦେଇଥାଏ। ଯୁବଗୋଷ୍ଠୀ ଓ ତଥାକଥିତ କୁଜି ନେତାମାନେ ଏହାକୁ ବଡ଼ ଅସ୍ତ୍ର କରିଥାନ୍ତି ଭୋଟ ଯୋଗାଡ଼ ପାଇଁ। ସାଧାରଣତଃ ଏହି ସମୟରେ ହିଁ ଅନେକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ତେଣୁ ନିର୍ବାଚନରେ ମଦର ବଡ଼ ଭୂମିକା ରହୁଥିବାରୁ ମଦମୁକ୍ତ ଭାରତ, ମୁକ୍ତମୁକ୍ତ ଓଡ଼ିଶା ବା ମଦମୁକ୍ତ ସମାଜ ତିଆରି ପାଇଁ ଏବଂ ଏହାକୁ ନିର୍ବାଚନ ଇସ୍ତାହାରରେ ରଖାଯାଉ। ସମସ୍ତ ଦଳ ଯଦି ନିର୍ବାଚନ ଇସ୍ତାହାରରେ ଏହି ପ୍ରସଙ୍ଗଟିକୁ ଗୁରୁତ୍ୱ ଦିଅନ୍ତେ ତାହାହେଲେ ଏ ସମାଜର ପ୍ରଭୁତ ମଙ୍ଗଳ ସାଧନ ହୋଇପାରିବ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭

ବହୁ ଦିନର ଅପେକ୍ଷାର ଘଟିଲା ଅନ୍ତ ! ରାଇଘରରେ ଗଠନ ହେଲା ଗଣ୍ଡା ସମାଜ ଛାତ୍ର ସଂଘ, ନୂତନ ନେତୃତ୍ୱଙ୍କ କାନ୍ଧରେ ଦିଆଗଲା ସମାଜର ଉନ୍ନତିର ଗୁରୁଦାୟିତ୍ୱ

ରାଇଘର, (ମହାଭାରତ): ରାଇଘର ନୂତନ ବସ୍ ଷ୍ଟାଣ୍ଡଠାରେ ଆୟୋଜିତ ହୋଇଥିଲା ଗଣ୍ଡା ସମାଜ ଛାତ୍ର ସଂଘ (ଏଝଝଟ), ରାଇଘରର ଏହି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ସଭା। ବହୁ ଦିନର ଅପେକ୍ଷାର ଆଜି ଘଟିଛି ଅନ୍ତ। ସମାଜର ଏକତା, ଶିକ୍ଷା, ଅଧିକାର ଓ ସାମଗ୍ରିକ ବିକାଶକୁ ନୂତନ ଦିଗ ଦେବା ଲକ୍ଷ୍ୟରେ ଏଠାରେ ବିଧିବଦ୍ଧ ଭାବେ ସଂଘର ଦାୟିତ୍ୱ ପ୍ରଦାନ କରାଯାଇଛି ।ବହୁ ଦିନର ଅପେକ୍ଷାର ଘଟିଲା ଅନ୍ତ ! ରାଇଘରରେ ଗଠନ ହେଲା ଏଝଝଟ ଗଣ୍ଡା ସମାଜ ଛାତ୍ର ସଂଘ, ନୂତନ ନେତୃତ୍ୱଙ୍କ କାନ୍ଧରେ ଦିଆଗଲା ସମାଜର ଉନ୍ନତିର ଗୁରୁଦାୟିତ୍ୱ ।କାର୍ଯ୍ୟକ୍ରମର ଆରମ୍ଭରେ ସର୍ବପ୍ରଥମେ ଭାରତୀୟ ସମ୍ବିଧାନର ପ୍ରଣେତା, ମହାନ ସମାଜ ସଂସ୍କାରକ ଓ ଭାରତରତ୍ନ ବାବା



ସାହେବ ଡ଼. ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ଓ ସମ୍ମାନର ସହ ପୂଜାର୍ଚ୍ଚନା କରାଯାଇଥିଲା। ବାବା ସାହେବଙ୍କ ଆଦର୍ଶ, ଶିକ୍ଷା ଓ ସମାନତାର ବାର୍ତ୍ତାକୁ ପାଥେୟ କରି ପରବର୍ତ୍ତୀ ସମୟରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କୁ ଏକ ସଂଗଠିତ ମଞ୍ଚରେ ଏକତ୍ରିତ କରି ସମାଜର ଉନ୍ନତି ପାଇଁ ଏକ ନୂତନ ଦିଗ ନିର୍ଦ୍ଧାରଣ କରିବା ।ବିଶେଷକରି ସମାଜରେ ଶିକ୍ଷାର ପ୍ରସାର, ଯୁବକଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ, ଆର୍ଥିକ ସମସ୍ୟାର ସମାଧାନ, ସାମାଜିକ ଅଧିକାରର ସୁରକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଗାମୀ ଦିନରେ ସଂଘ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି ।ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଭାପତି ଭାବେ ମାଧବ ବାଘ, ସମ୍ପାଦକ ଭାବେ ଜଗଦୀଶ ସୁନା ଏବଂ କୋଷାଧ୍ୟକ୍ଷ ଭାବେ ମହେଶ ସୁନାଙ୍କୁ ମନୋନୀତ କରାଯାଇ ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିଲା। ଉଲ୍ଲେଖନୀୟ ଯେ, ରାଇଘର ବ୍ଲକର ୨୬ଟି ପଞ୍ଚାୟତର ବରିଷ୍ଠ ସମାଜବନ୍ଧୁ ଓ ଶହ ଶହ ଛାତ୍ରଙ୍କ ଉପସ୍ଥିତିରେ ଏହି ନୂତନ ଦାୟିତ୍ୱ ପ୍ରଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ବିପୁଳ ଉପସ୍ଥିତି ସମାଜର ଏକତା, ସଂଗଠନ ପ୍ରତି ଆଗ୍ରହ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଥିବା ନୂତନ ଆଶା ଓ ଉତ୍ସାହକୁ ପ୍ରତିଫଳିତ କରିଥିଲା ।ତେବେ ଆଜି ଦିଆଯାଇଥିବା ଏହି ଦାୟିତ୍ୱ କେବଳ କିଛି ପଦପଦବୀ ନୁହେଁ, ବରଂ ଏହା ସମାଜର ଭବିଷ୍ୟତ ଗଠନ ପାଇଁ ଏକ ବଡ଼ ଦାୟିତ୍ୱ। ନୂତନ ନେତୃତ୍ୱ କିପରି ସମାଜର ଛାତ୍ର ଛାତ୍ରୀ ଙ୍କ ସମସ୍ୟା, ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିବା ସହ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବେ, ତାହା ଆଗାମୀ ଦିନରେ ଗୁରୁତ୍ୱ ବହନ କରିବ ।ବାବା ସାହେବଙ୍କ ଶିକ୍ଷା, ସଂଗଠନ ଓ ସଂଗ୍ରାମର ଆଦର୍ଶକୁ ନେଇ ଯଦି ଯୁବପିଢ଼ି ଆଗକୁ ବଢ଼ିବେ, ତେବେ ନିଶ୍ଚିତ ଭାବେ ସମାଜରେ ଏକ ନୂତନ ଜାଗରଣ ସୃଷ୍ଟି ହୋଇପାରିବ। ବୋଲି ସମାଜର ଆଶା ଓ ଭରସା।

ହରିନାମ ସଂକୀର୍ତ୍ତନ ରେ ବିଦ୍ୟାୟ ନେଲେ ମା ହରିପ୍ରିୟା

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗରେ ମା ଲକ୍ଷ୍ମୀ କ୍ଲବ୍ ଆନୁକୂଲ୍ୟରେ କୁମାରପୂର୍ଣ୍ଣିମାରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିସର୍ଜନ ନୀତିକାନ୍ତି ପରେ ଧନଦାତ୍ରୀଙ୍କୁ ଶୋଭାଯାତ୍ରାରେ ନେଇ ଘଣ୍ଟ ଓ ଶଙ୍ଖ ଧ୍ୱନି ସହ ହରିନାମ ସଂକୀର୍ତ୍ତନ ଦ୍ୱାରା ବଜାର ପରିକ୍ରମା ହୋଇଥିଲା। ଭଉଁରିଆ ନଦୀ ଅଭିମୁଖେ ବାହାରି ମାଆଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ସଭାପତି ହରିହର ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ଚିତ୍ରସେନ ପ୍ରଧାନ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦନ ହେବା ସହ ଆଜି ସନ୍ଧ୍ୟାରେ ଶାନ୍ତିଶୃଙ୍ଖଳାର ସହ ଭସାଣି କାର୍ଯ୍ୟକ୍ରମ ସମାପନ ହୋଇଥିଲା, ଉପସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ଦିଲ୍ଲୀପ ଦାସ, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ ସହ ଅନ୍ୟ ବରିଷ୍ଠ ଓ କନିଷ୍ଠ ସଭ୍ୟ ଭସାଣି କାର୍ଯ୍ୟକ୍ରମରେ ଅନୁଷ୍ଠାନର



ଆଗଧାଡିର ସମସ୍ତ ସଦସ୍ୟବୃନ୍ଦ ଯୋଗଦେଇ ମା ଧନଦାତ୍ରୀଙ୍କୁ ବିଦାୟ ଦେଇଥିଲେ। ଅନ୍ୟପକ୍ଷରେ ପୂଜା ଅବସରରେ ନଭେମ୍ବର ୧ରୁ ୦୭ ପର୍ଯ୍ୟନ୍ତ ମୁକ୍ତ ନାଟକ ପ୍ରତିଯୋଗିତା ଓ ୮ ତାରିଖ ଦିନ ପୁରସ୍କାର ବିତରଣ ଉତ୍ସବ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି, ବର୍ତ୍ତମାନ ବିଶେଷକରି ବିଭିନ୍ନ ନିଜସ୍ୱ ଓ ଆନ୍ତଃରାଜ୍ୟ ଲୋକକଳା ରେ ଭଷାଣି ଉତ୍ସବ ଅନୁଷ୍ଠିତ କରିଥିବାବେଳେ ଅସ୍ତରଙ୍ଗ ମୁଖ୍ୟ ବଜାର ର ସବୁଠୁ ପୁରୁଣା ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ହୋଇଥିବା ଲକ୍ଷ୍ମୀପୂଜା ଭଷାଣି ରେ ଚଳିତ ବର୍ଷ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ମାଧ୍ୟମ ରେ ଭଷାଣି ର ଶୋଭାଯାତ୍ରା ଅସ୍ତରଙ୍ଗ ବଜାର ରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା, ଆଜିର ସମାଜ ରେ ହରିନାମ ସଂକୀର୍ତ୍ତନ ହଜିଯାଉଥିବା ବେଳେ ମା ଲକ୍ଷ୍ମୀକ୍ଲବ ଆନୁକୂଲ୍ୟରେ ହରିନାମ ସଂକୀର୍ତ୍ତନ ସହ ହରିପ୍ରିୟା ଙ୍କ ଭଷାଣି ଯାତ୍ରା ରେ ନିଆରା ପରିଚୟ ସୃଷ୍ଟି ସହ ଆମ ପୁରୁଣା ପ୍ରଥା ଓ ଧାର୍ମିକ ପରମ୍ପରା କୁ ଉଜ୍ଜୀବିତ କରିବାକୁ ଅନୁଷ୍ଠାନ ର ନିଆରା ପ୍ରୟାସ ବୋଲି ବରିଷ୍ଠ ରାଜନୀତିଜ୍ଞ ପ୍ରଶାନ୍ତଭୋଳ ମତ ପ୍ରକାଶ କରିଥିଲେ, ଏହା ସହ ଅସ୍ତରଙ୍ଗ ବଜାର ର ଅନେକ ବୟଜ୍ୟୋଷ୍ଠ ବୁଦ୍ଧିଜୀବୀ ଏହି ନିଆରା ପାରମ୍ପରିକ ଭଷାଣି ଯାତ୍ରା କୁ ସ୍ୱାଗତ କରିବା ସହ ଏହାକୁ ବଜାୟ ରଖିବାକୁ ମତ ପରିପ୍ରକାଶ କରିଛନ୍ତି ।

ଦୁର୍ଘଟଣାରେ ମୃତ ସିଆରପିଏଫ୍ ଯବାନଙ୍କ ପରିବାରକୁ ସହାୟତା ପ୍ରଦାନ

ଧାମନଗର, (ମହାଭାରତ): ଦୁର୍ଘଟଣାରେ ସିଆରପିଏଫ୍ ଯବାନ ଗୋପୀନାଥ ସୂତାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପାଖରେ ଛିଡ଼ା ହୋଇଛନ୍ତି ୨୦୦୭ ବ୍ୟାଚ୍?ର ସହକର୍ମୀମାନେ। ଧାମନଗର ବ୍ଲକ କରଦା ଗ୍ରାମର ରତ୍ନାକର ସୂତାରଙ୍କ ପୁଅ ଗୋପୀନାଥଙ୍କ ପରିବାରକୁ ସହକର୍ମୀମାନେ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ପ୍ରାପ୍ୟ ଓ ପରିବାରର ଜଣଙ୍କୁ ଚାକିରି ଯୋଗାଇବା ଦିଗରେ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ୪୨ ବର୍ଷୀୟ ଗୋପୀନାଥ ଚାକିରିରୁ ଛୁଟିରେ ଘରକୁ ଆସିଥିବାବେଳେ ଯାଜପୁରରେ ନିଜର ନୂତନ ଘର ନିର୍ମାଣ କାମ ଚାଲିଥିଲା। ଗତ ମାସ ୫ ତାରିଖ ସନ୍ଧ୍ୟାରେ ରଙ୍ଗପୁର ଛକରେ ରାଜମିସ୍ତ୍ରୀଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିବା ସମୟରେ ପଛପଟୁ ଆସିଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପୀନାଥଙ୍କ ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଥିବାବେଳେ ଏଭଳି ସମୟରେ ସହକର୍ମୀମାନଙ୍କ ସହଯୋଗ



ପରିବାରକୁ ଆଶ୍ୱସ୍ତି ଦେଇଛି। ସିଆରପିଏଫ୍‌ର ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ସୁଶାନ୍ତ ମାଝୀ, ପବିତ୍ର କୁମାର ବେହେରା, ହେଡ୍ କନଷ୍ଟେବଳ ମିଲୁ ନାୟକଙ୍କ ସମେତ ଅନ୍ୟ ସହକର୍ମୀମାନେ ଉପସ୍ଥିତ ରହି ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହ ସରକାରୀ ସୁବିଧା ଓ ପ୍ରାପ୍ୟ ପାଇବାରେ ସହାୟତା କରିବେ ବୋଲି ଆଶ୍ୱାସନା ଦେଇଥିଲେ। ସିଆରପିଏଫ୍ ୨୦୦୭ ବ୍ୟାଚ୍‌ର ଯବାନମାନଙ୍କ ଏହି ସହାୟତା ଅନ୍ୟ ସହକର୍ମୀଙ୍କ ପାଇଁ ଉଦାହରଣ ପାଲଟିଛି। ଜଣେ ସହକର୍ମୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ସହ ସରକାରୀ ସୁବିଧା ଓ ଚାକିରି ପାଇଁ ସହଯୋଗର ହାତ ବଢ଼ାଇବା ଅନ୍ୟ ଯବାନମାନଙ୍କୁ ମଧ୍ୟ ନିଜ ସହକର୍ମୀଙ୍କ ପରିବାରର ଦୁଃଖ ସମୟରେ ପାଖରେ ଛିଡ଼ା ହେବାକୁ ପ୍ରେରଣା ଯୋଗାଇବ। ଏହା ଯବାନମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରସ୍ପର ପ୍ରତି ଥିବା ଦାୟିତ୍ୱବୋଧର ଏକ ଉଦାହରଣ।

ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲରେ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର



ରେଢ଼ାଖୋଲ, (ମହାଭାରତ): ସିବିଏସଇ, ସେଣ୍ଟର ଅଫ୍ ଏକ୍ସଲେନ୍ସ (ଇସିଓ), ଭୁବନେଶ୍ୱର ଆନୁକୂଲ୍ୟରେ ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରଭୁଜୀ ଇଂଲିଶ ମିଡିୟମ୍ ବିଦ୍ୟାଳୟ ବୃନ୍ଦାବନ ବିହାର ପରିସରରେ ଶିକ୍ଷକମାନଙ୍କ ପାଇଁ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ହାପି କ୍ଲାସରୁମ୍' ଶୀର୍ଷକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ସିବିଏସଇ ଅନୁବନ୍ଧିତ ବିଦ୍ୟାଳୟର ପ୍ରାୟ ୫୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସଭାପତି ଶ୍ରୀମତୀ ପ୍ରତିମା ତିୱାରୀଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଳଦାତା ଭାବେ ଶ୍ରୀ ନଦୀମ ପରୱେଜ୍ କେନ୍ଦୁଝରର ମିସବାହ ଇଂଲିଶ ମିଡିୟମ ସ୍କୁଲର ଅଧକ୍ଷ ଏବଂ ଶ୍ରୀ ବିନୀତ କୁମାର ଡୋରା ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲର ପିଜିଟି (ପଦାର୍ଥବିଜ୍ଞାନ) ଯୋଗଦେଇ ଶିକ୍ଷକ ମାନଙ୍କୁ ଏକ ଆନନ୍ଦଦାୟକ, ସକାରାତ୍ମକ ଓ ଛାତ୍ରକୈନ୍ଦ୍ରିକ ଶ୍ରେଣୀଗୃହ ପରିବେଶ ସୃଷ୍ଟି ସମ୍ପର୍କରେ ବିସ୍ତୃତ ଭାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ କ୍ରିୟାକଳାପ, ଆଲୋଚନା ଏବଂ ବିଭିନ୍ନ କାର୍ଯ୍ୟକଳାପ ଓ ଅନୁଭୂତିର ଆଦାନପ୍ରଦାନ ମାଧ୍ୟମରେ ପ୍ରଶିକ୍ଷଣ ଶିବିର ଅଧିକ ଆକର୍ଷଣୀୟ ଓ ଫଳପ୍ରଦ ହୋଇଥିଲା। ଏଥିରେ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ଅଧକ୍ଷ ତଥା ଭେନ୍ୟୁ ଡାଇରେକ୍ଟର ଶ୍ରୀ ଗଗନ ବିହାରୀ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ସମ୍ବଳଦାତା ଏବଂ ଅଂଶଗ୍ରହଣକାରୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ସେ ଶିକ୍ଷକ ମାନଙ୍କ କ୍ଷମତା ବିକାଶ ଦ୍ୱାରା ଶିକ୍ଷାଦାନ ପଦ୍ଧତିକୁ ଅଧିକ ପ୍ରଭାବଶାଳୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଆନନ୍ଦମୟ କରାଯାଇପାରିବ ବୋଲି ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ମଧ୍ୟରେ ନୂତନ ଚିନ୍ତାଧାରା, ସକାରାତ୍ମକ ଦୃଷ୍ଟିଭଙ୍ଗୀ ଏବଂ ଆନନ୍ଦମୟ ଶିକ୍ଷଣ ପରିବେଶ ଗଠନ ପାଇଁ ଏକ ନୂତନ ପ୍ରେରଣା ସୃଷ୍ଟି କରିଥିବାରୁ ଅଂଶ ଗ୍ରହଣକାରୀ ମାନେ ପ୍ରତିକ୍ରିୟା ଦେଇଥିଲେ। ଶେଷରେ ପ୍ରଣୟ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

୨ ଦେଶୀ ଶିକାରୀ ବନ୍ଧୁକ ଜବତ, ଦୁଇ ଅଭିଯୁକ୍ତ ଗିରଫ

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ବେଆଇନ ଦେଶୀ ଶିକାରୀ ବନ୍ଧୁକ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ



ଗିରଫ କରିଛି ରେଢ଼ାଖୋଲ ପୋଲିସ। ରବିବାର ଦିନ ଡ଼ଙ୍ଗଚା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେରବେଡ଼ା ଏବଂ ଗୋଗୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁଟୁରୁମୁଣ୍ଡା ଗ୍ରାମରେ ପୋଲିସ ଚଢ଼ାଉ କରି ଦୁଇଟି ଦେଶୀ ଶିକାରୀ ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୁଟୁରୁମୁଣ୍ଡା ଗ୍ରାମର ସନ୍ତୋଷ ତିର୍କୀ(୪୦) ଏବଂ ତେରବେଡ଼ା ଗ୍ରାମର ଅରୁଣ ପ୍ରଧାନ (୪୬) ।ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଢ଼ାଖୋଲ ପୋଲିସ ପ୍ରଥମେ ମୁଟୁରୁମୁଣ୍ଡା ଗ୍ରାମର ସନ୍ତୋଷ ତିର୍କୀଙ୍କ ଘରେ ଚଢ଼ାଉ କରିଥିଲା। ଯାଞ୍ଚ ସମୟରେ ତାଙ୍କ ଘରୁ ଏକ ଦେଶୀ ଶିକାରୀ ବନ୍ଧୁକ ଜବତ ହୋଇଥିଲା। ପରବର୍ତ୍ତୀ ତଦନ୍ତ ସମୟରେ ଅରୁଣ ପ୍ରଧାନଙ୍କ ଘରେ ମଧ୍ୟ ଏକ ଶିକାରୀ ବନ୍ଧୁକ ଥିବା ସୂଚନା ମିଳିବା ପରେ ପୋଲିସ ତେରବେଡ଼ା ଗ୍ରାମରେ ଚଢ଼ାଉ କରି ଆଉ ଏକ ବେଆଇନ ଦେଶୀ ବନ୍ଧୁକ ଜବତ କରିଥିଲା। ଏହି ଘଟଣାରେ ରେଢ଼ାଖୋଲ ଥାନାରେ କେସ୍ ନଂ ୧୯୭ ଓ ୧୯୮ରେ ଦୁଇଟି ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଥିବା ନେଇ ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ଜାତୀୟ ଯୁବ ସମ୍ମିଳନୀରେ ଯୋଗ ଦେଲେ ପ୍ରକାଶ

ଅନୁଗୋଳ,(ମହାଭାରତ): ବୃହତ ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ (ଆଇ ଏନ ଟୀ ୟୁ ସି)ର ଜାତୀୟ ଯୁବ ସଭାପତି ଡ଼ ପି ଶ୍ରୀନିବାସନ ଙ୍କ ନେତୃତ୍ୱରେ ହାଇଦ୍ରାବାଦ ସ୍ଥିତ ଜି,ଏସ,ଆର ଭବନ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡିଶାର ଯୁବ ସଭାପତି ପ୍ରକାଶ ବେହେରା ଅଂଶ ଗ୍ରହଣ କରିଥିଲେ, ଏହି ଯୁବ ସମ୍ମିଳନୀରେ ଆଗାମୀ ଦିନ ମାନଙ୍କରେ ରାଷ୍ଟ୍ରର ସମସ୍ତ ଶ୍ରମିକ ମାନେ କିପରି ନିଜର ମୌଳିକର ସୁରକ୍ଷା ସୁବିଧା ପାଇ ପାରିବେ ଏବଂ ଯୁବ ସଂଗଠକ ମାନେ ଏକତ୍ରିତ ହୋଇ ନୂତନ ୪ଟି ଶ୍ରମ କୋଡ଼୍‌କୁ ବିରୋଧ କରି ପ୍ରତ୍ୟାହୃତ ପାଇଁ ପ୍ରକାଶ ବେହେରା ଆହ୍ୱାନ ପ୍ରଦାନ କରିଥିଲେ ଏବଂ ଏହି ସମ୍ମିଳନୀରେ ଜାତୀୟ ସଭାପତି ଡ଼ ସଂଜୀବା ରେଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉଚିତ ସୁରକ୍ଷା ଦେଇ ସେମାନଙ୍କୁ ତାଙ୍କର ସମସ୍ତ ପ୍ରକାର ପ୍ରାପ୍ୟ କିପରି ଅଧିକ ରୁ ଅଧିକ ପାଇ ପାରିବେ ସେ ବିଷୟରେ ଦୃଢୋକ୍ତି ପ୍ରଦାନ କରିଥିଲେ, ଏ ଭଳି ଜାତୀୟ ଯୁବ ମହା ମଞ୍ଚକୁ ମନୋନୀତ ହେବା ପାଇଁ ଜାତୀୟ ଉପ ସଭାପତି, ପୂର୍ବତନ ସାଂସଦ ତଥା ରାଜ୍ୟ ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ ଏବଂ ରାଜ୍ୟର ସମସ୍ତ ଶୀର୍ଷ ନେତୃତ୍ୱବୃନ୍ଦ ପାଇଁ ଜାତୀୟ ଯୁବ ସମ୍ମିଳନୀରେ ଓଡିଶା ତରଫରୁ ମନୋନୀତ ହୋଇପାରିଛି ବୋଲି ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା ସାଧୁବାଦ ଜଣାଇବାସହିତ ସଫଳତାର ଶୀର୍ଷ ସ୍ଥାନ ଅଧିକାର କରି ପାରିଛି ବୋଲି ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି ।

ପରଜଙ୍ଗ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପରଜଙ୍ଗ, (ମହାଭାରତ) : ପରଜଙ୍ଗ ଥାନାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ଦିବସ ପାଳିତ ହୋଇଯାଇଛି। ପରଜଙ୍ଗ ଥାନା ଆଇଆଇସି ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ଥାନା ଅତିରିକ୍ତ ଅଧିକାରୀଣୀ ଟେରେଶା କିଂଣ୍ଡୋ , କର୍ମଚାରୀଙ୍କ ସମେତ ପରଜଙ୍ଗ ହାଇସ୍କୁଲ ଛାତ୍ରଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟିତ୍ରୀ ଓ କଲେଜ ଛାତ୍ରଛାତ୍ରୀମାନେ ସକାଳ ୯ ଘଣ୍ଟା ସମୟରେ ହାତରେ ଏକତା ଦିବସର ବ୍ୟାନର ଧରି ପରଜଙ୍ଗ ମିନି ଷ୍ଟାଡିୟମ ଠାରୁ ଆରମ୍ଭ କରି ପରଜଙ୍ଗ ବଜ?ାର ସୁବାହୁ ସିଂ ଯାଏଁ ଏକ ଶୋଭାଯାତ୍ରାରେ ଆସି ଅଞ୍ଚଳ ବାସୀଙ୍କୁ ଏକତାର ବାର୍ତ୍ତା ଦେଇଥିଲେ। ଏହାପରେ ଥାନା ପରିସରରେ ସମସ୍ତ ଶୋଭାଯାତ୍ରା



କାରୀ ଡାହାଣ ହାତ ଆଗକୁ ଟେକି ଏକତାର ସୂତ୍ରରେ ବାନ୍ଧି ହୋଇ ସମାଜର ମଙ୍ଗଳ କାମନା ଓ ସର୍ଦ୍ଦାର ପଟେଲଙ୍କ ସ୍ୱପ୍ନକୁ ସାକାର କରି ଦେଶ ମାତୃକାର ସେବା କରିବା ପାଇଁ ଶପଥ ପାଠ କରିଥିଲେ। ଏଥିରେ ପରଜଙ୍ଗର ସରପଞ୍ଚ,ବୁଦ୍ଧିଜୀବୀ, ଜନ ସାଧାରଣ ମଧ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇଆଇସି ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସଆଇ ଜଳନ୍ଧର ବାରିକ, ଏଏସଆଇ ଯୁଗଳ ପ୍ରଧାନ , ଜୋସେଫ ପଟନାୟକ ,ସାରଙ୍ଗ ଫାଣ୍ଡି ଅଧିକାରୀ ପ୍ରତାପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ କନେଷ୍ଟବଳ, ଗ୍ରାମରକ୍ଷୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସ୍ୱାଧୀନତାର ୮୦ ବର୍ଷ ପରେ ବି ଗାଁରେ ଜଳୁନି ଆଲୁଅ

ଦଶପଲ୍ଲା, (ମହାଭାରତ): ଦେଶ ସ୍ୱାଧୀନତାର ୮୦ ବର୍ଷ ଅତିକ୍ରମ କରିସାରିଛି। ସରକାର ଘରେ ଘରେ ବିଜୁଳି ଆଲୁଅ ପହଞ୍ଚାଇବା ପାଇଁ ଅନେକ ଯୋଜନା କରୁଥିବା ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବ ଚିତ୍ର ଏବେ ବି ସମ୍ପୂର୍ଣ୍ଣ ଓଲଟା। ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ଅନ୍ଧାର ଭିତରେ ଦିନ କାଟୁଛନ୍ତି ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଅସନିବେରେଣା ଗ୍ରାମର ୪ଟି ନିରୀହ ପରିବାର। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ପାର୍ବତୀ ବେହେରାଙ୍କ ସମେତ ୪ଟି ପରିବାର ଦୀର୍ଘ ବର୍ଷ ଧରି ୫୭ ନମ୍ବର ଜାତୀୟ ରାଜପଥ କଡ଼ରେ ବସବାସ କରି ଆସୁଥିଲେ। ତେବେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସମ୍ପ୍ରସାରଣ କାର୍ଯ୍ୟ ଯୋଗୁଁ ସେମାନେ ସେଠାରୁ ବିସ୍ଥାପିତ ହୋଇ ଅସନିବେରେଣା ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବିସ୍ଥାପିତ ହେବା ଦିନଠାରୁ ଅର୍ଥାତ୍ ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପରିବାରଗୁଡ଼ିକ ବିନା ବିଦ୍ୟୁତରେ ଜୀବନ ବିତାଉଛନ୍ତି। ପାର୍ବତୀଙ୍କ ସ୍ୱାମୀ ଜେନା ବେହେରା ଓ ବଡ଼ ପୁଅ ଆକାଶ ବେହେରା ପେଟ ପାଟଣା ପାଇଁ କେରଳରେ ଦାଦନ ଖଟୁଥିବା ବେଳେ ଏଠାରେ ପାର୍ବତୀ ନିଜ ସାନ ପୁଅ ଓ ଝିଅଙ୍କୁ ନେଇ ଅସହାୟ ଅବସ୍ଥାରେ ରହୁଛନ୍ତି।

ବିକଟାଳ ଶବ୍ଦ ଓ ନିୟମ ଉଲଙ୍ଘନ କରୁଥିବା ଗାଡିକୁ ଧରିଲା ପାରଳାଖେମୁଣ୍ଡି ପୋଲିସ



ଗଜପତି(ମହାଭାରତ): ନିୟମ ଉଲ୍ଲଂଘନ କରି ରାସ୍ତାରେ ଗାଡ଼ି ଚଳାଇବା ଏବେ ପଡ଼ିଲା ମହଙ୍ଗା। ଗାଡ଼ିରେ ବେଆଇନ ମୋଡିଫିକେସନ୍ କରି ବିକଟାଳ ଶବ୍ଦ ସୃଷ୍ଟି କରିବା ସହ ବିନା ନମ୍ବର ପ୍ଲେଟ୍ ଏବଂ ରଙ୍ଗବେରଙ୍ଗର ନମ୍ବର ପ୍ଲେଟ୍ ଲଗାଇ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ପାରଳାଖେମୁଣ୍ଡି ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ। ଯାଞ୍ଚ ସମୟରେ ୨୦ ଟି ଗାଡ଼ିକୁ ଧରିଛି ପୋଲିସ। ତେବେ ଆଇନକୁ ହାତକୁ ନେଇ ରାସ୍ତାରେ ଆତଙ୍କ ସୃଷ୍ଟି କରୁଥିବା ଅମାନିଆ ଚାଳକଙ୍କ ପାଇଁ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଏକ ସତର୍କବାଣୀ।ପାରଳାଖେମୁଣ୍ଡି ସହରରେ ଟ୍ରାଫିକ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା କିଛି ଗାଡ଼ି ଚାଳକଙ୍କ ଉପରେ ଏବେ ପୋଲିସର ନଜର। କିଏ ଗାଡ଼ିର ସାଇଲେନ୍ସର ମୋଡିଫାଇ କରି ବିକଟାଳ ଶବ୍ଦ କରୁଥିଲା ତ ଆଉ କିଏ ବିନା ନମ୍ବର ପ୍ଲେଟ୍ ଏବଂ ନିୟମ ବିରୋଧୀ ରଙ୍ଗବେରଙ୍ଗର ନମ୍ବର ପ୍ଲେଟ୍ ଲଗାଇ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚଳାଉଥିଲା। ଏଭଳି ଗାଡ଼ି ଚାଳନା ଯୋଗୁଁ କେବଳ ଶବ୍ଦ ପ୍ରଦୂଷଣ ବଢୁନାହିଁ, ବରଂ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ଜୀବନ ମଧ୍ୟ ବିପଦରେ ପଡୁଛି।ଏହାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଯାଞ୍ଚରେ ବିଭିନ୍ନ ନିୟମ ଉଲ୍ଲଂଘନ କରୁଥିବା ୨୦ ଟି ଗାଡ଼ିକୁ ଧରିଛି ପୋଲିସ। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି କହିଛନ୍ତି ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ।

ପାଞ୍ଚ ବର୍ଷ ହେଲା ବସୁଧା ଜଳରୁ ବଞ୍ଚିତ ୧୦ରୁ ଊର୍ଦ୍ଧ୍ୱ ପରିବାର

ପଦକ୍ଷେପ ନ ନେଲେ ଧାରଣା ଚେତାବନୀ



ପାଟଣାଗଡ଼ (ମହାଭାରତ) ସରକାରଙ୍କ ବସୁଧା ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗାଁ ଗାଁରେ ପାନୀୟ ଜଳ ଯୋଗାଣ କରାଯାଉଛି । ହେଲେ ଦୀର୍ଘ ପାଞ୍ଚ ବର୍ଷ ହେଲା ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲା ଗ୍ରାମର ଗଣ୍ଡାପଡ଼ାର ୧୦ରୁ ଊର୍ଦ୍ଧ୍ୱ ପରିବାର । ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଥିବା ପଡ଼ାବାସୀ ଏବେ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି ।ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ, ଗାଁରେ ବସୁଧା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ସେମାନଙ୍କ ପଡ଼ାକୁ ପାଣି ଯୋଗାଣ ହେଉନାହିଁ । ଏନେଇ ସେମାନେ ପାଟଣାଗଡ଼ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ଟୋଲ୍ ଫ୍ରି ନମ୍ବରରେ ମଧ୍ୟ ଅଭିଯୋଗ କରିଛନ୍ତି । ଏହାସହ ଲରମ୍ବା ସରପଞ୍ଚ, ପାଟଣାଗଡ଼ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ଗାଁର ପାଣି ଚାଳକଙ୍କୁ ବାରମ୍ବାର ଅବଗତ କରା ଯାଇଥିଲେ ମଧ୍ୟ ଏଯାଏଁ ସମସ୍ୟାର ସମାଧାନ ହୋଇ ନ ଥିବା ପଡ଼ାବାସୀ କହିଛନ୍ତି । ଅନ୍ୟପକ୍ଷରେ, ଗଣ୍ଡା ଜାତିର ହୋଇଥିବାରୁ ସେମାନଙ୍କ ପ୍ରତି ଜାତିଗତ ଭେଦଭାବ କରା ଯାଉଛି କି ବୋଲି ପଡ଼ାବାସୀ ସନ୍ଦେହ ପ୍ରକାଶ କରିଛନ୍ତି । ତେବେ ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ବିଭାଗର ପକ୍ଷ ମିଳି ପାରିନାହିଁ ।ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ରହିଥିବା ପରିବାରଗୁଡ଼ିକର ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି । ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

୧୫ କ୍ୱିଣ୍ଟାଲ ତମାଖୁ ସହ ପିକ୍ଅପ୍ ଗାଡ଼ି ଜବତ :ଡ୍ରାଇଭର କୋର୍ଟ ଚାଲାଣ



ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ାଝୋଲା ଅଞ୍ଚଳରୁ ୧୫ କ୍ୱିଣ୍ଟାଲ ତମାଖୁ ସହ ପିକ୍ଅପ୍ ଗାଡ଼ିକୁ ଓଡ଼ଗାଁ ପୁଲିସ ଜବତ କରିଛି ।ଓଡ଼ଗାଁ ଓ ବାହାଡ଼ାଝୋଲା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହକରି ଗାଡ଼ିକୁ ଅଟକାଇଥିଲେ ।ଏହି ଘଟଣାରେ ଗାଡ଼ିର ଡ୍ରାଇଭରକୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି ।ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ଆସିକା ବ୍ରିଜ ଭାଙ୍ଗି ଯିବାରୁ ବ୍ରହ୍ମପୁରରୁ ପିକଅପ ଗାଡ଼ି ନଂ ଓଡ଼ି୦୭ ଏଡବ୍ଲୁ ୩୬୫୩ ଯୋଗେ ୧୫ କ୍ୱିଣ୍ଟାଲ ତମାଖୁ ଡଟ୍ୱ ଭର୍ତି ହୋଇ ବାଲିଗୁଡ଼ା ଯାଉଥିଲା।ଗାଡ଼ିରେ ତମା।ଖୁ ନିଆଯାଉଥିଲେ ମଧ୍ୟ ଚାଲାଣରେ ଗାଡ଼ିର ନମ୍ବର ପଡ଼ିନଥିଲା।ଏହାସହିତ ଗାଡ଼ିଟି ନୟାଗଡ଼ ମୁଖ୍ୟ ରାସ୍ତା ନଦେଇ ବାହାଡ଼ାଝୋଲା ରାସ୍ତାରେ ଯିବା ସମୟରେ ପୁଲିସର ସନ୍ଦେହ ହୋଇଥିଲା।ପୁଲିସ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭର ଗଞ୍ଜାମ ଜିଲ୍ଲା କୃପାସିନ୍ଧୁପୁର ଗ୍ରାମର ଲକ୍ଷ୍ମୀ ନାରାୟଣ ମହାଙ୍କୁଡଙ୍କ ପୁଅ ଅଭିନାଶ ମହାଙ୍କୁଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ସୂଚନା ଦେଇଛନ୍ତି।

ଇଟା ଫାକେଟ୍ରି ଟ୍ରାକ୍ଟରରେ ଚାପି ହୋଇ ଇଟା ମିସ୍ତ୍ରୀ ଙ୍କ ମୃତ୍ୟୁ

ପାଟଣା:-(ମହାଭାରତ) ଏରେଣ୍ଡେଇ ଫ୍ଲାଇ ଆଶ୍ ଇଟା ଫାକେଟ୍ରି ଚାଳକ ଙ୍କ ଟ୍ରାକ୍ଟର ଦୁର୍ଘଟଣାରେ ମୃତ ଘଟିଛି। ମୃତକ ଜଣକ ପାଟଣା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ରଞ୍ଜନ ମହାନ୍ତ ୩୫ବର୍ଷ ବୋଲି ଜଣାପଡିଛି। ମୃତକ ଜଣକ ଏରେଣ୍ଡେଇ ସ୍ଥିତି ମା ତାରିଣୀ ଫ୍ଲାଇ ଆଶ୍ ଇଟା ଫାକେଟ୍ରି ରେ ମିସ୍ତ୍ରୀ ଭାବେ ରେ କାର୍ଯ୍ୟ କରିନ୍ତୁ। ଶନିବାର ରାତି ୮ ସମୟରେ ଫାକେଟ୍ରି ଫାଟକ ସମ୍ମୁଖରେ ଫାକେଟ୍ରି ର ଏକ ଟ୍ରାକ୍ଟର ଚକା ତଳେ ରଞ୍ଜନ ଚାପି ହୋଇ ରହିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇ ଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ଫାକେଟ୍ରି ସମ୍ମୁଖ ରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣି ଭର୍ତ୍ତି କରିବା ବେଳେ ସ୍ୱାସ୍ଥ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫ୍ଲାଇ ଆସ୍ ଇଟା ଫାକେଟ୍ରି ରେ ଘଟିଥିବା ମୃତ୍ୟୁ ଘଟଣା ଅଞ୍ଚଳ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ଥିବା ବେଳେ ରବିବାର ଦିନ ମୃତ ରଞ୍ଜନ ଙ୍କ ପରିବାର ଲୋକେ ପାଟଣା ଥାନା ରେ ଏକ ଲିଖିତ ଅଭିଯୋଗ ପରେ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଥାନା ରେ ଏକ ମୃତ୍ୟୁ ମାମଲା ୩୪୧/୨୬ ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ଉକ୍ତ ପରିବାର କୁ ରଞ୍ଜନଙ୍କ ମୃତଦେହ କୁ ହସ୍ତାନ୍ତର କରି ଟ୍ରାକ୍ଟର ରେ ଘଟିଥିବା ଦୁର୍ଘଟଣା ର ସଠିକ୍ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷ ରୁ ସୂଚନା ରହିଛି।

ଅସହାୟ ଶିଶୁଙ୍କୁ ଉଦ୍ଧାର କଲା ଜିଲ୍ଲା ପ୍ରଶାସନ



ଗଜପତି(ମହଭାରତ): ବାତ୍ୟା 'ଅର୍ଣବ ' ଫଳରେ ଗଜପତି ଜିଲ୍ଲା , ରାୟଗଡ ବ୍ଲକ ଅନ୍ତର୍ଗତ ଗୋଠେଇ ଗ୍ରାମର ଏକ ଭଗ୍ନ ଘରେ ଅସହାୟ ଅବସ୍ଥାରେ ତିନି ଜଣ ଶିଶୁ ରହୁଥିବାର ଖବର ରାୟଗଡ ବ୍ଲକ ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲପ ଲାଇନ୍ର କର୍ମକର୍ତ୍ତା ତୁରନ୍ତ ଗୋଠେଇ ଗ୍ରାମକୁ ଯାଇ ଅନୁଧ୍ୟାନ କରି ଜାଣିବାକୁ ପାଇଲେ ଯେ ୨ ଜଣ ଝିଅ ୧୨ ଓ ୬ ବର୍ଷ ଓ ଜଣେ ପୁଅ ୧୦ ବର୍ଷର ଅତି ଦୟନୀୟ ଅବସ୍ଥାରେ ଅଛନ୍ତି ।ସେମାନଙ୍କର ମା ଙ୍କ କିଛି ଦିନ ପୂର୍ବରୁ ମୃତ୍ୟୁ ହୋଇଯାଇଛି ଏବଂ ଶିଶୁମାନଙ୍କର ପିତା ଶିଶୁ ମାନଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି ଯାହାକି ଗ୍ରାମବାସୀଙ୍କ ପାଖରେ ଖବର ନାହିଁ ।ଗ୍ରାମବାସୀଙ୍କ ସହଯୋଗରେ ଶିଶୁମାନଙ୍କୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ଗଜପତି ଙ୍କ ନିକଟରେ ଉପସ୍ଥାପନ କରା ଯାଇଥିଲା। .ଶିଶୁ କଲ୍ୟାଣ ସମିତି ଶିଶୁମାନଙ୍କ ଅତୀତ ପରିସ୍ଥିତି ବିଷୟରେ ଅବଗତ ହେବାପରେ ଶିଶୁମାନଙ୍କୁ ସରକାରଙ୍କ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳବାଳ ।ଶ୍ରମ, ପାରଳାଖେମୁଣ୍ଡି ଠାରେ ଥଇଥାନ କରାଇଛନ୍ତି। ପ୍ରଶାସନ ତରଫରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି ଯେଉଁଠି କି ଶିଶୁ ମାନେ ରହି ମାଗଣାରେ ଖାଇ ପିଇ ପାଠ ପଢ଼ି ପାରିବେ ।

ପାଟଣା ଥାନା ପକ୍ଷ ରୁ 'ଆମ ପୋଲିସ' ସମିତି ବୈଠକ ଅନୁଷ୍ଠିତ



ପାଟଣା:-(ମହାଭାରତ) ଆଜି ବି ସମାଜ ରେ ସୁରକ୍ଷା ଓ ସାଇବର ଠକେଇ ର ସଚେତନତା ନ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ପକ୍ଷ ରୁ ଆମ ପୋଲିସ' ସମିତି ବୈଠକ ଅନୁଷ୍ଠିତ ହୋଇ ଛି। ଏହି ଆମ ପୋଲିସ ସମିତି ବୈଠକ କୁ ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଛି। ବୈଠକରେ ପାଟଣା ଅଞ୍ଚଳ ରେ ବିଶେଷ କରି ଚୋରି ଓ ଛିନାଚାଇ,ଡକାୟତି କୁ ନିୟନ୍ତ୍ରଣ କୁ ରୋକିବା ପାଇଁ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରିବା ସହ ବ୍ୟବସାୟୀ ଓ ଜନସାଧାରଣ ଙ୍କ ସହଯୋଗ ସହ ଆଇନ ଶୃଙ୍ଖଳା ରକ୍ଷା,ଅପରାଧ ନିୟନ୍ତ୍ରଣ ତଥା ସାଧାରଣ ଲୋକଙ୍କ ସୁରକ୍ଷା କୁ ନେଇ ଏକ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଛି । ଏପରି ଅଞ୍ଚଳ ସୁରକ୍ଷା କୁ ଦୃଷ୍ଟି ରେ ରଖି ପାଟଣା ବ୍ଲକ ଛକ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ସମ୍ମୁଖରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ପୋଲିସ ଅଧିକାରୀ ମାନେ ଗୁରୁତ୍ୱ ଦେବା ସହିତ ସାଇବର ଠକେଇ କୁ ରୋକିବା ପାଇଁ ଅଜଣା ବ୍ୟକ୍ତି ଙ୍କୁ ମୋବାଇଲ ନମ୍ବର,ଓଟିପି କିମ୍ବା ବ୍ୟାଙ୍କ ଏଟିଏମ୍ ପିନ ନମ୍ବର ନ ଦେବା ଓ ସନ୍ଦିଗ୍ଧ କଲ୍ ଠାରୁ ଦୂରେଇ ରହିବା ଉପରେ ସଚେତନ ରହିବାକୁ ପରାମର୍ଶ ଦିଆଯାଇ ଛି ।ଏହି ବୈଠକରେ ପାଟଣା ଥାନା ଅତିରିକ୍ତ ଅଧିକାରୀ ଲକ୍ଷ୍ମଣ ମାଝୀ,ଜିତେନ୍ଦ୍ର କୁମାର ପଟେଲଙ୍କ ସମେତ ପାଟଣା ବଜାରର ବହୁ ବ୍ୟବସାୟୀ ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଶଙ୍କର ପ୍ରସାଦ ବକ୍ସିଙ୍କ ସ୍ମୃତି ଚାରଣ ସଭା

ପାରଳାଖେମୁଣ୍ଡି :- ପାରଳା ସହରର ବିଶିଷ୍ଟ ଶିକ୍ଷାବିତ୍ ତଥା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଶଙ୍କର ପ୍ରସାଦ ବକ୍ସିଙ୍କ ଆକସ୍ମିକ ବିୟୋଗରେ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ଶୋକାକୁଳ ପରିବେଶରେ ପୁରାତନ ଛାତ୍ର ସଂସଦ ଅତିଥି ଭବନ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାକାନ୍ତ ଭୂୟାଁ, ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରି ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ସମ୍ପାଦକ ଆଦର୍ଶ ଦାସ ପ୍ରମୁଖ ମଞ୍ଚାସୀନ ରହି ସ୍ୱର୍ଗତ ବକ୍ସିଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଅତିଥିଗଣ ସ୍ୱର୍ଗତ ବକ୍ସିଙ୍କ ଜୀବନାଦର୍ଶ, ଶିକ୍ଷା ପ୍ରତି ତାଙ୍କର ନିଷ୍ଠା ଓ ମହାବିଦ୍ୟାଳୟର ବିକାଶ ପାଇଁ ତାଙ୍କର ନିରନ୍ତର ଉଦ୍ୟମକୁ ସ୍ମରଣ କରିଥିଲେ। ଜଣେ ଦକ୍ଷ ଶିକ୍ଷାବିତ୍, କ୍ରୀଡ଼ାବିତ୍ , ଛାତ୍ରବତ୍ସଳ ଅଧ୍ୟାପକ ଓ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ହିତୈଷୀ ଭାବେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମତପ୍ରକାଶ ପାଇଥିଲା। ତାଙ୍କର ବିୟୋଗ ପାରଳାଖେମୁଣ୍ଡିର ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଏବଂ ଏହାଦ୍ୱାରା ସୃଷ୍ଟ ଶୂନ୍ୟସ୍ଥାନ ସହଜରେ ପୂରଣ ହୋଇପାରିବ ନାହିଁ ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଥିଲେ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଦସ୍ୟ ଶ ଆଶାଲତା ପାଣିଗ୍ରାହୀ,ଗଜେନ୍ଦ୍ର ପଣ୍ଡା, ରାଜେଶ କୁମାର ପାତ୍ର, ଶ୍ରୀ ଭାଗବତ ପାଢ଼ୀ, ମନୋଜ କୁମାର ପଟ୍ଟନାୟକ, ସୁଶୀଲ କୁମାର ପାଣିଗ୍ରାହୀ, ଜଗନ୍ନାଥ ମହାପାତ୍ର, କିଶୋର ଚନ୍ଦ୍ର ରଥ, ଶ୍ୱେତା ପଟ୍ଟନାୟକ, ସ୍ନେହା ବେହେରା, ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ରାଜେନ୍ଦ୍ର କୁମାର ରଥଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।ଶେଷରେ ସମସ୍ତେ ସ୍ୱର୍ଗତ ଶଙ୍କର ବକ୍ସିଙ୍କ ସ୍ମୃତି ଚାରଣ ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ।

ନଭେମ୍ବର ୧ ତାରିଖ ଦୁଲକୁଛି ବଲାଙ୍ଗୀର ଦିନ



ବଲାଙ୍ଗୀର (ମହାଭାରତ) ଆଜି ନଭେମ୍ବର ୧ ତାରିଖରେ ବଲାଙ୍ଗୀର ଜିଲ୍ଲାରେ ପାଳିତ ହୋଇ ଯାଇଛି ବଲାଙ୍ଗୀର ଦିନ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାର ଗୌରବମୟ ଇତିହାସ, କଳା, ସଂସ୍କୃତି ଓ ପରମ୍ପରାକୁ ମନେ ପକାଇଛନ୍ତି ଜିଲ୍ଲାବାସୀ। ୧୯୪୯ ମସିହା ନଭେମ୍ବର ୧ ତାରିଖରେ ବଲାଙ୍ଗୀର ଜିଲ୍ଲାର ମାନ୍ୟତା ପାଇଥିଲା । ସେହି ଐତିହାସିକ ଦିନକୁ ସ୍ମରଣ କରି ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ବଲାଙ୍ଗୀର ଦିନ ପାଳନ କରା ଯାଇଥାଏ। ବଲାଙ୍ଗୀର ଜିଲ୍ଲା ନିଜର ଐତିହ୍ୟ, ପରମ୍ପରା, ଲୋକକଳା, ସାହିତ୍ୟ ଓ ସଂସ୍କୃତି ପାଇଁ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି । ଏହି ମାଟିର ଗୌରବମୟ ଇତିହାସ ଓ ସମୃଦ୍ଧ ସଂସ୍କୃତିକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ସହ ଜିଲ୍ଲାର ବିକାଶ ଓ ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହେବାର ଆହ୍ୱାନ ଦେଇଛି ଏହି ଦିନ ।ବଲାଙ୍ଗୀର ଦିନ କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ଜିଲ୍ଲାବାସୀଙ୍କ ଗର୍ବ, ଗୌରବ ଓ ଏକତାର ପ୍ରତୀକ ।ନିଜ ମାଟିର ଇତିହାସକୁ ସମ୍ମାନ ଜଣାଇବା ସହ ଏକ ସମୃଦ୍ଧ ଓ ବିକଶିତ ବଲାଙ୍ଗୀର ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ।

କାର୍ତ୍ତିକ ମାସରେ ଏବେ ବି ବଞ୍ଚିଛି 'ଆକାଶଦୀପ' ପରମ୍ପରା



ଗଜପତି(ମହାଭାରତ): ଚାଲିଛି ଧର୍ମର ମାସ କାର୍ତ୍ତିକ । କୋଟି ଜନ୍ମର ପୁଣ୍ୟ ଅର୍ଜନ ଲାଗି ଆଧ୍ୟାତ୍ମିକ ପ୍ରେମୀ ମହିଳା ମାନେ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି ।ମାସ ସାରା ଦିନ ତମାମ ପାରଳାଖେମୁଣ୍ଡି ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ଦେବ ଓ ଦେବୀ ପୀଠ ଗୁଡ଼ିକରେ ଭକ୍ତମାନଙ୍କ ଗହଳିରେ ଚଳଚଞ୍ଚଳ ହୋଇ ଉଠିଛି । ଏହି ପୁଣ୍ୟ ଅର୍ଜନର କାର୍ତ୍ତିକ ମାସରେ ଏବେ ବି ବଞ୍ଚିଛି ' ଆକାଶଦୀପ' ପରମ୍ପରା । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ତୁଳସୀ ମଣ୍ଡପ ହେଉ କିମ୍ବା କୌଣସି ଦେବାଳୟ ଠାରେ ପୋତାଯାଇଥାଏ ଏକ ଲମ୍ବା ବାଉଁଶ । ସେଥିରେ ଦଉଡ଼ି ସଂଲଗ୍ନ ହୋଇ ଶିକାରେ ଏକ ମାଟି ହାଣ୍ଡି ଭିତରେ ପ୍ରଦୀପ ପ୍ରଜ୍ଜଳନ କରି ଆକାଶ ଦୀପ ଲଗାଯାଇଥାଏ ।ସନ୍ଧ୍ୟା ପୂର୍ବରୁ କାର୍ତ୍ତିକ ମାସଟି ସାରା ଏହି ଦୀପଦାନ କରାଯାଇ ଥାଏ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଉକ୍ତ ଆକାଶଦୀପରେ ନିଆଁ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ । କାହିଁ କେଉଁ ଆବାହମାନ କାଳରୁ ଏହି ଆକାଶଦୀପ ପରମ୍ପରା ପ୍ରଚଳିତ ହୋଇ ଆସୁଛି ଆକାଶଦୀପ ସମ୍ପର୍କରେ ଲକ୍ଷ୍ମୀ – ନାରାୟଣ ଏବଂ ରାଧା- ଦାମଦୋରଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରାଯାଉ ଥିବା କେହି କେହି କହୁଥିବା ବେଳେ ଅନ୍ୟ କେହି ସାଧାରଣ ଦୀପ ମନ୍ଦିର ଗର୍ଭଗୃହ କିମ୍ବା ଦୀପସ୍ଥଳରେ ପ୍ରଦାନ କରାଯାଉଥିବା ବେଳେ ଉକ୍ତ ଦୀପ ଆକାଶରେ ଚାରି ଦେବତାଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରାଯାଇଥାଏ ବୋଲି ଶୁଣିବାକୁ ମିଳୁଛି ସମୟର ବହୁ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବର୍ତ୍ତମାନ ଯୁଗରେ ପାରଳାଖେମୁଣ୍ଡି ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଗୁଡ଼ିକରେ ଏହି ଆକାଶଦୀପ ପ୍ରଥା ପ୍ରଚଳିତ ହୋଇ ଆସୁଥିବା ଦେଖିବାକୁ ମିଳୁଛି ।

୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ମହାସମାରୋହରେ ପାଳିତ



କାହାଣ୍ଡି/ମହାଭାରତ (ମହାଭାରତ): ୭୭ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ଅବସରରେ ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଉତ୍ସାହ ଓ ଉଦ୍ଦୀପନାର ସହ ରାହାଗିରି ପଥ ଉତ୍ସବ,ମଶାଲ ଯାତ୍ରା,ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲାର ଗୌରବମୟ ଐତିହ୍ୟ, ସମୃଦ୍ଧ ସଂସ୍କୃତି, କଳା, ସାହିତ୍ୟ ଓ ପରମ୍ପରା,କୃଷି ଓ ଜଳସେଚନ ଉନ୍ନତିକୁ ସ୍ମରଣ କରାଯିବା ସହ କଳାହାଣ୍ଡିର ସର୍ବାଙ୍ଗୀଣ ବିକାଶ ପାଇଁ ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ ଦିଆଯାଇଥିଲା ସକାଳ ୭.୩୦ ମିନିଟ୍ ସମୟରେ ଜେଲଖାନା ଛକ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ରାହାଗିରି ପଥ ଉତ୍ସବ ରେ ପତଞ୍ଜଳି ଯୋଗ ସମିତି ,ବିକାଶ ଶିକ୍ଷା ଅନୁଷ୍ଠାନ,ପ୍ରଗତି ଶିକ୍ଷା ଅନୁଷ୍ଠାନ,ଦିବ୍ୟ ଜ୍ୟୋତି, ବି ଏଡ କଲେଜ, ଶାସ୍ତ୍ରୀ ଶିକ୍ଷା ନିକେତନ,କଳାହାଣ୍ଡି ଆର୍ଟ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ବିଭିନ୍ନ କଳା, ଯୋଗ,ଶାରୀରିକ କ୍ରୀଡ଼ା। କୌଶଳ,ରଙ୍ଗୋଲି,କୁମ୍ଫୁ ଆତ୍ମରକ୍ଷା,ବନ୍ଦେ ମାତରଂ ,ଚିତ୍ରକଳା , ବାଲୁକାକଳା ପ୍ରଦର୍ଶନ କରିଥିଲେ। ରାହାଗିରି ପଥ ଉତ୍ସବ କୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ ।ଏଥିରେ ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ ସଭ ସଞ୍ଚାଳନ କରିଥିଲେ ଏବଂ ମଞ୍ଚରେ ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର,ଆଇନଜୀବୀ ସଞ୍ଜୟ କୁମାର,ଡି ଆଇ ପି ଆର୍ ଓ ମନୋଜ ବେହେରା, ଡି ଡି ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳେଇ,ଡେପୁଟୀ କଲେକ୍ଟର ଅବିନାଶ ଦଳେଇ, ସି ଡବ୍ଲୁ ସି ଅଧ୍ୟକ୍ଷ ସ୍ୱର୍ଣ୍ଣଲତା ମହାନ୍ତି,ଶୋଭାଗିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତ କାର୍ଯ୍ୟକ୍ରମ ର ଆୟୋଜନ କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସକାଳ ୯.୩୦ ମିନିଟ ସମୟରେ ମା ମାଣିକେଶ୍ୱରୀ ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରା ଧର୍ମଗଡ ବିଧାୟକ ଶ୍ରୀ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ,ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ,ସି ଡି ଓ, ପ୍ରଶା ସନିକ ଅଧିକାରୀ, ଛାତ୍ର ଛାତ୍ରୀ,ସାଂସ୍କୃତିକ ଦଳ, ଗଣ ମାଧ୍ୟମ ପ୍ରତିନିଧି,ସହରର ବୁଦ୍ଧିଜୀବୀ,ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇ ଟାଉନ ହଲ ଠାରେ ଆୟୋଜିତ ସଭାରେ ସମାବେଶ ହୋଇଥିଲେ ।ଟାଉନ ହଲରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀ ସୁଧୀର ପାଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପାଓ୍ୱାର ସଚିନ ପ୍ରକାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଭବାନୀପାଟଣା ଉପଜିଲ୍ଲାପାଳ ଶ୍ରୀମତୀ ଆଶିନି ଏ.ଏଲ. ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଦିବସ ଧନ୍ୟବାଦ ଅର୍ପଣ କରିଥିଲେ ।ସଭା ପୂର୍ବରୁ ବନ୍ଦେ ମାତରଂ ଓ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ପାଟ୍ଟଯୋଶୀ ନିଜ ଅଭିଭାଷଣରେ ୧୯୪୯ ମସିହା ନଭେମ୍ବର ୧ ତାରିଖ ରେ କଳାହାଣ୍ଡି ଜିଲ୍ଲା ଗଠନ,ଏହାର ଗୌରବମୟ ଅତୀତ, ଐତିହାସିକ ପରମ୍ପରା ଓ ଜନସାଧାରଣଙ୍କ ଅଦମ୍ୟ ଉଦ୍ୟମର ସ୍ମୃତିଚାରଣ କରିଥିଲେ।

ରାମଲୀଳା ମୈଦାନରେ ଇଣ୍ଡିଆ ବ୍ଲକର 'ମେଗା ରାଲି' ଆରମ୍ଭ

ନୂଆଦିଲ୍ଲୀ,୧।୧୧: ଇଣ୍ଡିଆ ବ୍ଲକ୍‌ର 'ଭୋଟ ବଚାଓ, ଦେଶ ବଚାଓ'ମେଗା ରାଲି ପୂର୍ବରୁ ଦିଲ୍ଲୀର ରାମଲୀଳା ମୈଦାନରେ ଲୋକଙ୍କର ପ୍ରବଳ ଭିଡ଼। ବରିଷ୍ଠ ବିରୋଧୀ ନେତା ଏବଂ କର୍ମୀମାନେ ମିଣ୍ଟୋ ରୋଡ୍ ଦେଇ ରାମଲୀଳା ମୈଦାନକୁ ପଦଯାତ୍ରା କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନରୁ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ ପ୍ରମୁଖ ବିରୋଧୀ ନେତା ଏବେ ମିଣ୍ଟୋ ରୋଡ୍ ଖୋଲା ବସ୍‌ରେ ଯାତ୍ରା କରି ରୁ ରାମଲୀଳା ମୈଦାନକ୍ଷର ପହଁଞ୍ଚିଛନ୍ତି।

ଇଣ୍ଡିଆ ବ୍ଲକ୍‌ର 'ଭୋଟ ବଚାଓ, ଦେଶ ବଚାଓ'ମେଗା ରାଲି ପୂର୍ବରୁ ଦିଲ୍ଲୀର ରାମଲୀଳା ମୈଦାନରେ ଲୋକଙ୍କର ପ୍ରବଳ ଭିଡ଼। ବରିଷ୍ଠ ବିରୋଧୀ ନେତା ଏବଂ କର୍ମୀମାନେ ମିଣ୍ଟୋ ରୋଡ୍ ଦେଇ ରାମଲୀଳା ମୈଦାନକୁ ପଦଯାତ୍ରା କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନରୁ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ ପ୍ରମୁଖ ବିରୋଧୀ ନେତା ଏବେ ମିଣ୍ଟୋ ରୋଡ୍ ଖୋଲା ବସ୍‌ରେ ଯାତ୍ରା କରି ରୁ ରାମଲୀଳା ମୈଦାନର ପହଁଞ୍ଚିଛନ୍ତି। ଇଣ୍ଡିଆ ବ୍ଲକର ମେଗା ରାଲିରେ ଯୋଗ ଦେଇଥିବା କଂଗ୍ରେସ ନେତ୍ରୀ କୁମାରୀ ସେଲଜା କହିଛନ୍ତି ଯେ ଆଜି ଏଠାରେ ଲକ୍ଷ ଲକ୍ଷ ଲୋକଙ୍କ ବିଶାଳ ଭିଡ଼ ଏକତ୍ରିତ ହୋଇଛି। ସେ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକର ସମସ୍ତ ନେତା ଏବଂ ଲକ୍ଷ ଲକ୍ଷ ସମର୍ଥକ ଏକାଠି ହୋଇଛନ୍ତି ଏବଂ ବିଜେପି ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଜାରି ରଖିବାକୁ ଦେବେ ନାହିଁ ବୋଲି ସଂକଳ୍ପ ନେଇଛନ୍ତି। ସେଲଜା କହିଛନ୍ତି ଯେ ସେମାନେ ଏହି ସରକାରଙ୍କୁ କ୍ଷମତାରୁ ହଟାଇବେ ଏବଂ ଜନସାଧାରଣ ଏହାର ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ସାଂସଦ ଶଶି ଥରୁର କହିଛନ୍ତି ଯେ ଲୋକମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଉପରେ ବିଶ୍ୱାସ ହରାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକାରୁ ୧୩ କୋଟି ଲୋକଙ୍କ ନାମ ବାଦ ଦେଇ ଜଣେ ନିରପେକ୍ଷ ଅଧିକାରୀ ଦେଶର ରାଜନୈତିକ ଭବିଷ୍ୟତ ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି। ଥରୁର କହିଛନ୍ତି ଯେ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅଧିକାର ରହିବା ଉଚିତ। ସେ ଭୋଟର ତାଲିକାରୁ ନାମ ବାଦ ଦେବା ପ୍ରସଙ୍ଗରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ଲୋକଙ୍କ ମତଦାନ ଅଧିକାରକୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ। ନେତା ସଚିନ ପାଇଲଟ୍ କହିଛନ୍ତି ଯେ ଲୋକମାନେ ନ୍ୟାୟ ଦାବି କରିବା, ଗଣତନ୍ତ୍ରକୁ ବଞ୍ଚାଇବା ଏବଂ କଥିତ ଭୋଟ ଚୋରି ବନ୍ଦ କରିବା ପାଇଁ ଦିଲ୍ଲୀ ଆସିଛନ୍ତି। ସେ ଦାବି କରିଛନ୍ତି ଯେ ସମଗ୍ର ଦେଶର ପରିବେଶ ପରିବର୍ତ୍ତନ ହେଉଛି।



ପ୍ରତିବାଦ କରନ୍ତୁ, କିଛି କିଣାକିଣି ମଧ୍ୟ କରନ୍ତୁ : ରାହୁଲ ଗାନ୍ଧୀ

କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ' ମେଣ୍ଟ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ସମାବେଶ ଆୟୋଜନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ଗତକାଲି ବିଳମ୍ବିତ ରାତିରେ ରାହୁଲ ଗାନ୍ଧୀ ଏହି ସମାବେଶ ସମ୍ବନ୍ଧୀୟ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଲୋକମାନଙ୍କୁ ଏଥିରେ ଯୋଗ ଦେବା ପାଇଁ ଆହ୍ୱାନ ଜଣାଇଛନ୍ତି। ଏହି ଭିଡିଓରେ ରାହୁଲ ଗାନ୍ଧୀ ବ୍ୟବସାୟୀ ସମ୍ପ୍ରଦାୟକୁ ମଧ୍ୟ ସମାବେଶକୁ ସମର୍ଥନ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ଏଥିରେ ୧୦ ଲକ୍ଷରୁ ଅଧିକ ଲୋକ ଯୋଗ ଦେବେ ବୋଲି ଆଶା କରାଯାଉଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ବିରୋଧରେ ପ୍ରତିବାଦ କରିବା ଉଦ୍ଦେଶ୍ୟରେ ଏହି ସମାବେଶ ଆୟୋଜନ କରାଯାଉଛି। ଏକ ଭିଡିଓ ଶେୟାର କରି ରାହୁଲ ଗାନ୍ଧୀ ଲେଖିଛନ୍ତି, 'ନମସ୍କାର! ଆସନ୍ତାକାଲି 'ରାମଲୀଳା ମାର୍ଚ୍ଚ' ପାଇଁ ଲକ୍ଷ ଲକ୍ଷ ଲୋକ ଦିଲ୍ଲୀ ଆସୁଛନ୍ତି। ଏବେ ପର୍ବପର୍ବାଣୀର ସମୟ ଚାଲିଛିଦୀପାବଳି, ଛଠ ଏବଂ ଭାଇ ଦୂଜର ସମୟ। ମୁଁ ଆଶା କରୁଛି ଯେ ବାହାରୁ ଦିଲ୍ଲୀ ଆସୁଥିବା ଲକ୍ଷ ଲକ୍ଷ ଲୋକ ଆମର ସ୍ଥାନୀୟ ବ୍ୟବସାୟୀମାନଙ୍କୁ ମଧ୍ୟ ସମର୍ଥନ କରିବେ। ଆପଣମାନେ ଯେତେବେଳେ ଏହି ବିରୋଧ ପ୍ରଦର୍ଶନ, ମାର୍ଚ୍ଚ କିମ୍ବା ରାଲିରେ ଅଂଶଗ୍ରହଣ କରୁଛନ୍ତି, ସେତେବେଳେ କିଛି କିଣାକିଣି ମଧ୍ୟ କରନ୍ତୁଏହା ଦ୍ୱାରା ବ୍ୟବସାୟୀମାନେ ଉପକୃତ ହେବେ।' ରାହୁଲ ଗାନ୍ଧୀ ଆହୁରି ମଧ୍ୟ କହିଛନ୍ତି, 'ମୁଁ ଜାଣେ ଯେ ଏହି ରାଲି ଯୋଗୁ ବ୍ୟବସାୟୀମାନଙ୍କର କୌଣସି କ୍ଷତି ହେବ ନାହିଁ।

ମଣିପୁରରେ ପୁଣି ଫେରିଲା ହିଂସା

ନୋନି ଜିଲ୍ଲାରେ ଗୁଳିକାଣ୍ଡ ଯୋଗୁଁ କୁକି ସଂପ୍ରଦାୟର ୩ ଲୋକଙ୍କ ମୃତ୍ୟୁ

ଇମ୍ଫାଲ,୧।୧୧: ମଣିପୁରରେ ପୁଣି ଥରେ ହିଂସାକାଣ୍ଡ ଘଟିଛି । ନୋନି ଜିଲ୍ଲାର ଏକ ଜଙ୍ଗଲିଆ ପାହାଡ଼ିଆ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଭୟଙ୍କର ଗୁଳିକାଣ୍ଡରେ କୁକି ସମ୍ପ୍ରଦାୟର ତିନି ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି। ପୁଲିସ ଅଧିକାରୀଙ୍କ ସୂଚନାନୁସାରେ, ଶନିବାର ସକାଳେ ନୋନି ଜିଲ୍ଲାର କେକଡୁ ନାଗା ଗାଁରେ ଏହି ଗୁଳିକାଣ୍ଡ ଆରମ୍ଭ ହୋଇ ଥିଲା ଏବଂ ପାହାଡ଼ିଆ ଅଞ୍ଚଳରେ ଦୀର୍ଘ ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ରହି ରହି ଗୁଳି ବିନିମୟ ଜାରି ରହି ଥିଲା । ମୃତକମାନେ ହେଲେ ଥାଙ୍ଗଲେନ୍‌ଙ୍ଗ ସିଂସନ୍, ଥାଙ୍ଗଖୋସେଇ ହାଓକିପ୍ ଏବଂ ଲମ୍ମିନସଙ୍ଗ କିପଜେନ୍ । ସେମାନେ ସମସ୍ତେ ଚୁରାଚାନ୍ଦପୁର ଜିଲ୍ଲାର ହେଙ୍ଗଲେପ୍ ଏବଂ ଥାନଲନର ଭିତିରି ଅଞ୍ଚଳରେ ରହୁ ଥିଲେ। କୁକି ନାଗରିକ ସଂଗଠନଗୁଡ଼ିକ ଅନୁସାରେ, ଏହି ତିନି ମୃତକ ଗ୍ରାମ ସ୍ୱେଚ୍ଛାସେବୀ ଥିଲେ। ଏହି ଘଟଣା ପରେ କୁକି ସମ୍ପ୍ରଦାୟର ସର୍ବୋଚ୍ଚ ସଂସ୍ଥା 'କୁକି ଇନପି ମଣିପୁର' ଏହି ତିନି ଯୁବକଙ୍କ ହତ୍ୟାକୁ କଡ଼ା ନିନ୍ଦା କରିଛି । ସଂଗଠନ ଏକ ଆନୁଷ୍ଠାନିକ ବିବୃତ୍ତି ଜାରି କରି ଅଭିଯୋଗ କରିଛି ଯେ, ଏହି ହତ୍ୟାକାଣ୍ଡ ପଛରେ ନାଗା ଉଗ୍ରପନ୍ଥୀ ଗୋଷ୍ଠୀ ସାମିଲ ଅଛନ୍ତି । କଓଗ ସରକାରଙ୍କ ନିକଟରେ ଏହି ମାମଲାରେ ତୁରନ୍ତ କଠୋର



କାର୍ଯ୍ୟାନୁଷ୍ଠାନ, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଏବଂ ନ୍ୟାୟ ଦାବି କରିଛି । ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ଆବଶ୍ୟକ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି । ଅନ୍ୟ ଏକ ଘଟଣାରେ, ସୁରକ୍ଷା ବାହିନୀ ରବିବାର ମଣିପୁରରେ ଏକ ବ୍ୟାପକ ମିଳିତ ତଲାସି ଅଭିଯାନ ସମୟରେ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଏହି ଦୁଇ ଜଣ ଅକ୍ଟୋବର ୨୮ ତାରିଖରୁ କାଙ୍ଗପୋକପି ଜିଲ୍ଲାରୁ ନିଖୋଜ ଥିଲେ । ପୁଲିସ ଅନୁଯାୟୀ, ୫ଟ ରୋଡ୍ ନିକଟସ୍ଥ ୨ ନମ୍ବର ଜାତୀୟ ରାଜପଥର ପୂର୍ବ ଅଞ୍ଚଳରେ କରାଯାଇଥିବା ସର୍ଚ୍ଚ ଅପରେସନ୍ ସମୟରେ ଏହି ମୃତଦେହ ଦୁଇଟି ମିଳି ଥିଲା। କାଙ୍ଗପୋକପି ଜିଲ୍ଲାରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଏହି ମୃତଦେହ ଜବତ ହୋଇଛି । କାଙ୍ଗପୋକପି ସ୍ଥିତ ସଂଗଠନ 'କମିଟି ଅନ୍ ଟ୍ରାଇବାଲ ୟୁନିଟି' ନିଖୋଜ ଦୁଇ ଯୁବକଙ୍କ ସୁରକ୍ଷିତ ଓ ବିନା ସର୍ତ୍ତରେ ମୁକ୍ତି ଦାବି କରି ୪୮ ଘଣ୍ଟିଆ ସମ୍ପୂର୍ଣ୍ଣ ବନ୍ଦ ଡାକରା ଦେଇ ଥିଲା । ଏହି ବନ୍ଦ ଅକ୍ଟୋବର ୨୯ ତାରିଖ ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇ ଅକ୍ଟୋବର ୩୧ ତାରିଖ ସନ୍ଧ୍ୟା ୫ଟାରେ ଶେଷ ହେବାର ଥିଲା। ତେବେ ଉଡଂଞ୍ଚଟ ଏହି ବନ୍ଦ ଏବଂ ରାଜପଥ ଅବରୋଧକୁ ଅଧିକ ବୃଦ୍ଧି କରିଥିଲା । ସଂଗଠନ ପକ୍ଷରୁ ଚିହ୍ନଟ ହୋଇଥିବା ନିଖୋଜ ବ୍ୟକ୍ତିଦ୍ୱୟ ହେଲେ ତାଙ୍ଗଗିନଲୁନ୍ ଚୋଙ୍ଗଲୋଇ ଏବଂ ପାଓଗିନଲାଲ୍ ହାଙ୍ଗସିଂ । ଉଭୟ ତାଫୌ ଗାଁର ନିବାସୀ ଥିଲେ । ସେମାନେ ନିଖୋଜ ହେବା ପରଠାରୁ ମଣିପୁର ପୁଲିସ, ଉଜତର ଏବଂ ଆସାମ ରାଇଫଲ୍ସର ମିଳିତ ଟିମ୍ ବହୁବାର ତଲାସି ଅଭିଯାନ ଚଳାଇ ଥିଲେ ।

ଜାତିସଂଘରେ ଭାରତର ଅସନ୍ତୋଷ

'ମାନବାଧିକାରକୁ ରାଜନୈତିକ ଅସ୍ତ୍ର କରନି'



ନ୍ୟୁୟର୍କ,୧।୧୧: ମାନବାଧିକାର ପ୍ରସଙ୍ଗରେ ଜାତିସଂଘର ମାନବାଧିକାର ପରିଷଦ ଦ୍ୱୈତ ମାନଦଣ୍ଡ ଆପଣାଉଥିବା ଅଭିଯୋଗ ଆଣିଛି ଭାରତ। ଯଦି ନିଜର ବିଶ୍ୱସନୀୟତା ଓ ପ୍ରତିଷ୍ଠା ବଞ୍ଚାଇବାକୁ ଚାହୁଁଛ, ତେବେ ସମସ୍ତ ଦେଶ ପ୍ରତି ସମାନ ମାନଦଣ୍ଡ ଆପଣାଅ, ମାନବାଧିକାରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବା ବନ୍ଦ କର ବୋଲି ଜାତିସଂଘ ସାଧାରଣ ସଭାରେ ଭାରତ ତରଫରୁ ସ୍ପଷ୍ଟ କରି ଦିଆଯାଇଛି। ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ମାନବାଧିକାର ପରିଷଦର ରିପୋର୍ଟ ଉପରେ ଆଲୋଚନା ବେଳେ ଭାରତ ପକ୍ଷରୁ ଏହି ମତ ରଖିଥିଲେ ଜାତିସଂଘରେ ଭାରତୀୟ ସ୍ଥାୟୀ ମିଶନର ପ୍ରଥମ ସଚିବ ଭାବିକା ମଙ୍ଗଳାନନ୍ଦନ। ସେ କହିଥିଲେ, କୌଣସି ଦେଶକୁ ଆଲୋଚନାରେ ସାମିଲ ନକରି ତା' ବିରୋଧରେ ଏକପାଖିଆ ନିର୍ଦ୍ଦେଶ ଜାରି କଲେ ତୃଣମୂଳ ସ୍ତରରେ କୌଣସି ପରିବର୍ତ୍ତନ ଆସିବ ନାହିଁ, ବରଂ ଏହାଦ୍ୱାରା ପରିଷଦ ମଧ୍ୟରେ ମତଭେଦ ବଢ଼ିବ। ଭାରତ କହିଛି ମାନବାଧିକାରର ସୁରକ୍ଷା ପାଇଁ ଦେଶଗୁଡ଼ିକୁ ଟାର୍ଗେଟ କରିବା କିମ୍ବା ନିର୍ଦ୍ଦିଷ୍ଟ ଦେଶ ପ୍ରତି ଭିନ୍ନ ମାନଦଣ୍ଡ ଆପଣାଇବା ଉଚିତ୍ ନୁହେଁ। ଏହା ବଦଳରେ ପାରସ୍ପରିକ ଆଲୋଚନା, ସହଯୋଗ, କ୍ଷମତା ବିକାଶ ଏବଂ ପ୍ରକୃତ ସହଭାଗିତା ମାଧ୍ୟମରେ ମାନବାଧିକାରର ସୁରକ୍ଷା ହେବା ଆବଶ୍ୟକ।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବଦଳିଲା ପାଠ୍ୟପୁସ୍ତକ

ନୂଆଦିଲ୍ଲୀ,୧।୧୧: ନୂଆ ଶିକ୍ଷାବର୍ଷକୁ ନଜରରେ ରଖି ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପାଠ୍ୟପୁସ୍ତକ ଉପଲବ୍ଧ କରାଇଛି ଜାତୀୟ ଶିକ୍ଷାଗତ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି)। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଗଣିତ ଓ ସାମାଜିକ ବିଜ୍ଞାନର ସଂଶୋଧିତ ପୁସ୍ତକ ପ୍ରକାଶ ପାଇଛି। ଏହି ନୂଆ ପୁସ୍ତକଗୁଡ଼ିକ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏବଂ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ୍-ଏସଇ) ୨୦୨୩ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପଦ୍ଧତିରେ ନୂଆ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ଏନସିଇଆରଟି ପକ୍ଷରୁ ନବମ ଶ୍ରେଣୀର ଗଣିତ ପୁସ୍ତକ 'ଗଣିତ ମଞ୍ଜରୀ-ଭାଗ ୨' (ଗଣିତ ମଞ୍ଜରି– ଭାଗ ୨) ସେପ୍ଟେମ୍ବର ୨୧, ୨୦୨୬ରୁ ବିକ୍ରି ପାଇଁ ଉପଲବ୍ଧ କରାଯାଇଛି। ସେହିପରି ସାମାଜିକ ବିଜ୍ଞାନର ନୂଆ ପୁସ୍ତକ



'ଅଣ୍ଡରଷ୍ଟାଣ୍ଡିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ- ଭାଗ ୨' (ଅଣ୍ଡରଷ୍ଟାଣ୍ଡିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ – ଭାଗ ୨) ସେପ୍ଟେମ୍ବର ୨୯ରୁ ବିକ୍ରି ପାଇଁ ଉପଲବ୍ଧ ହୋଇଛି। ଏହି ପୁସ୍ତକଗୁଡ଼ିକୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ କିଣିପାରିବେ। ନୂଆ ପୁସ୍ତକ କିଣିବା ପାଇଁ ଏନସିଇଆରଟି ପକ୍ଷରୁ ଏକାଧିକ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ଏନସିଇଆରଟିର ପ୍ରକାଶନ ବିଭାଗର ବିକ୍ରୟ କେନ୍ଦ୍ର, ଅଧିକୃତ ପୁସ୍ତକ ବିକ୍ରେତା ଏବଂ ସଂସ୍ଥାର ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ବହି କିଣିପାରିବେ। ଏହାବ୍ୟତୀତ ଆମାଜନ୍‌ରେ ମଧ୍ୟ ଏହି ପୁସ୍ତକ ଉପଲବ୍ଧ ରହିଛି। ତେଣୁ ଘରେ ବସି ଅନଲାଇନ୍‌ରେ ମଧ୍ୟ ଅଭିଭାବକମାନେ ନିଜ ପିଲାଙ୍କ ପାଇଁ ବହି କିଣିପାରିବେ। କେବଳ ପୁସ୍ତକର ପରିବର୍ତ୍ତନ ନୁହେଁ, ନୂଆ ପାଠ୍ୟକ୍ରମରେ ଶିକ୍ଷାଦାନର ଶୈଳୀକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏନଇପି ୨୦୨୦ ଓ ଏନସିଏଫ୍-ଏସଇ ୨୦୨୩ ଅନୁଯାୟୀ ପ୍ରସ୍ତୁତ ଏହି ପୁସ୍ତକଗୁଡ଼ିକରେ ଦକ୍ଷତାଭିତ୍ତିକ ଶିକ୍ଷା, ଅନୁଭୂତିମୂଳକ ଶିକ୍ଷା, ବିଭିନ୍ନ ବିଷୟ ମଧ୍ୟରେ ସମନ୍ୱୟ, ଭାରତୀୟ ଜ୍ଞାନ ପରମ୍ପରା ଓ ପ୍ରଯୁକ୍ତିଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ପିଲାମାନେ କେବଳ ପାଠ ମନେ ରଖିବା ପରିବର୍ତ୍ତେ ବିଷୟଗୁଡ଼ିକୁ ବୁଝିବା ଓ ବ୍ୟବହାରିକ ଜ୍ଞାନ ହାସଲ କରିବାର ସୁଯୋଗ ପାଇବେ।

ପଞ୍ଜାବରେ ଦୁଇ ଆପ ବିଧାୟକଙ୍କ ଇସ୍ତଫା

ଚଣ୍ଡୀଗଡ,୧।୧୧: ପଞ୍ଜାବରେ ଆମ ଆଦମୀ ପାର୍ଟି (ଆପ)କୁ ଲାଗିଛି ଏକ ବଡ଼ ରାଜନୈତିକ ଝଟକା । ପଟିଆଲା ଜିଲ୍ଲାର ସମାନାର ବିଧାୟକ ଚେତନ ସିଂହ ଯୋଡମାଜରା ଏବଂ ସାନୌରର ବିଧାୟକ ହରମିତ ସିଂହ ପଠାଣମାଜରା ରବିବାର ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଦୁଇ ନେତାଙ୍କ ଇସ୍ତଫା ଏଭଳି ସମୟରେ ଆସିଛି, ଯେତେବେଳେ ଆମ ଆଦମୀ ପାର୍ଟି ଦିନକ ପୂର୍ବରୁ ୨୦୨୭ ରେ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ୪୦ ପ୍ରାର୍ଥୀଙ୍କ ସୂଚୀ ଜାରି କରିଥିଲା। ତଥାପି, ଆମ ଆଦମୀ ପାର୍ଟି ଏପର୍ଯ୍ୟନ୍ତ ସମାନା ଏବଂ ସାନୌର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଦୁଇ ବିଧାୟକଙ୍କ ଇସ୍ତଫା ପଞ୍ଜାବରେ ରାଜନୈତିକ ହଇଚଇ ସୃଷ୍ଟି କରିଛି। ସାନୌର ବିଧାୟକ ହରମିତ୍ ସିଂହ ପଠାଣମାଜରା ଆମ ଆଦମୀ ପାର୍ଟିରେ ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଏହି ସମୟରେ, ସମାନା ବିଧାୟକ ଏବଂ ପୂର୍ବତନ ପଞ୍ଜାବ ମନ୍ତ୍ରୀ ଚେତନ ସିଂହ ଯୋଡମାଜରା ଏକ ସୋସିଆଲ ମିଡିଆ ପୋଷ୍ଟରେ ଦଳ ଛାଡିବା ଘୋଷଣା କରିଛନ୍ତି। ସେପ୍ଟେମ୍ବରରେ, ଆମ ଆଦମୀ ପାର୍ଟି ପୂର୍ବତନ ପଞ୍ଜାବ ମନ୍ତ୍ରୀ ସୁରଜିତ ସିଂହ ରାଖରାଙ୍କୁ ସମାନା ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ ଭାବରେ ନିଯୁକ୍ତ କରିଥିଲା। ସେବେଠାରୁ, ତାଙ୍କୁ ୨୦୨୭ ବିଧାନସଭା ନିର୍ବାଚନରେ ସମାନା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ଭାବରେ ବିବେଚନା କରାଯାଉଛି। ତଥାପି, ଆମ ଆଦମୀ ପାର୍ଟି ଏପର୍ଯ୍ୟନ୍ତ ଏହି ଆସନ ପାଇଁ ପ୍ରାର୍ଥୀ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରିନାହିଁ।

ପ୍ରବଳ ତୁଷାରପାତ ଯୋଗୁଁ ନେପାଳ ହ୍ରଦରେ ୬ଜଣ ଭାରତୀୟ ନିଖୋଜ

କାଠମାଣ୍ଡୁ/ଦୋଲପା,୧।୧୧: ନେପାଳର ଦୁର୍ଗମ ଦୋଲପା ଜିଲ୍ଲାରେ ପ୍ରବଳ ତୁଷାରପାତ କାରଣରୁ ୬ ଜଣ ଭାରତୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ପ୍ରସିଦ୍ଧ 'ସେ ଫୋକ୍ସୁଣ୍ଡୋ' ହ୍ରଦ ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନେପାଳ ସେନାର ଏକ ସ୍ୱତନ୍ତ୍ର ଟିମକୁ ନିୟୋଜିତ କରାଯାଇଥିବା ବେଳେ, ହେଲିକପ୍ଟର ସହାୟତାରେ ସନ୍ଧାନ ଅଭିଯାନ ଚଳାଇବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୁପରେ ୪ ଜଣ ପୁରୁଷ ଏବଂ ୨ ଜଣ ମହିଳା ପର୍ଯ୍ୟଟକ ସାମିଲ ଅଛନ୍ତି। ସେମାନେ 'ଢୋ' ଅଞ୍ଚଳରୁ ସେ ଫୋକ୍ସୁଣ୍ଡୋ ହ୍ରଦ ଆଡ଼କୁ ଫେରୁଥିବା ସମୟରେ 'ନୁମା ଲା' ଏବଂ 'ବାଗା ଲା' ନାମକ ଦୁଇଟି ପାର୍ବତ୍ୟ ପାସ୍ ମଧ୍ୟରେ ଫସିଯାଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ' ପ୍ରଭାବରେ ସମଗ୍ର ହିମାଳୟ ପାର୍ବତ୍ୟାଞ୍ଚଳରେ ହଠାତ୍ ଭୟଙ୍କର ତୁଷାରପାତ ଆରମ୍ଭ ହୋଇଥିଲା।

ଭ ହୋଟେଲରେ ଅଭାବନୀୟ ଅଘଟଣ

ଉଦ୍ଧାର କରିବାକୁ ଯାଇ ଚାଲିଗଲା ୪ ଜୀବନ

ମଧ୍ୟପ୍ରଦେଶ,୧।୧୧: ଶନିବାର ରାତିରେ ଉଜ୍ଜୟିନୀର ଦେବାସ ରୋଡରେ ଅବସ୍ଥିତ ହୋଟେଲ ଶ୍ରୀ ଗଙ୍ଗାର ଚାରି ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଏହି କର୍ମଚାରୀମାନେ ହୋଟେଲର ଅଳିଆ ଚାମ୍ବର ସଫା କରୁଥିବା ସମୟରେ ଏଥିରେ ଫସି ଯାଇଥିଲେ । ଚାମ୍ବର ଭିତରେ ଜମା ହୋଇଥିବା ବିଷାକ୍ତ ଗ୍ୟାସ, ଏହାର ଗଭୀରତା ଏବଂ ଖସିଯିବା ପୃଷ୍ଠ କର୍ମଚାରୀମାନଙ୍କୁ ବେହୋସ କରିଦେଇଥିଲା ବୋଲି ଅଧିକାରୀମାନେ ସନ୍ଦେହ କରୁଛନ୍ତି । ପୋଲିସ ଅଧୀକ୍ଷକ ପ୍ରଦୀପ ଶର୍ମାଙ୍କ ତତ୍ତ୍ୱାବଧାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା । ଏସପି ପ୍ରଦୀପ ଶର୍ମା ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଦୁର୍ଘଟଣାରେ ଅନ୍ୟ କିଛି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଘଟଣାଟି ରାତି ପ୍ରାୟ ୧୦ ଟା ୩୦ ମିନିଟ୍ ସମୟରେ ଘଟିଥିଲା । ହୋଟେଲର ଡାହାଣ ପାର୍ଶ୍ୱରେ ଅବସ୍ଥିତ, ଏହି ଚାମ୍ବରରେ ହୋଟେଲର ମିଠା ଏବଂ ଦୁଗ୍ଧ ବିଭାଗରୁ ଅଳିଆ ଆବର୍ଜନା ରହିଛି । ଅନେକ କର୍ମଚାରୀ ଏହାକୁ ସଫା କରିବା ପାଇଁ ଭିତରକୁ ଯାଇଥିଲେ, କିନ୍ତୁ ବିଷାକ୍ତ ଗ୍ୟାସ ଏବଂ ଭିତରର ପରିସ୍ଥିତି ଯୋଗୁଁ ସେମାନେ ଖସି ଯାଇପାରିଲେ ନାହିଁ । ଯେତେବେଳେ ଅନ୍ୟ କର୍ମଚାରୀମାନେ ଜାଣିପାରିଲେ ଯେ ସେମାନଙ୍କ ସହକର୍ମୀମାନେ ଭିତରେ ଫସି ରହିଛନ୍ତି, କିଛି ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କଲେ।

ଦିଲ୍ଲୀରେ ପ୍ରଦୂଷଣ ରୋକିବାକୁ କଟକଣା

ଗୁରୁଗ୍ରାମ ସୀମାରେ ୫ କିମି ଯାଏଁ ଗାଡ଼ି ଜାମ୍

ନୂଆଦିଲ୍ଲୀ,୧।୧୧: ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବାକୁ ନୂଆ ଯାନବାହନ କଟକଣା ଲାଗୁ ହେବା ପରେ ଦିଲ୍ଲୀ-ଗୁରୁଗ୍ରାମ ସୀମାରେ ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଛି। ରବିବାର ସକାଳୁ ସାରହୌଲ୍ ସୀମା ଓ ଟୋଲ୍ ପ୍ଲାଜା ନିକଟରେ ଗାଡ଼ିର ଲମ୍ବା ଧାଡ଼ି ଲାଗିଥିଲା। ଜାତୀୟ ରାଜପଥ-୪୮ରେ ପ୍ରାୟ ୫ କିଲୋମିଟର ଯାଏଁ ଗାଡ଼ି ଅଟକି ରହିଥିଲା। ଦିଲ୍ଲୀ ସରକାରଙ୍କ ନିୟମ ଅନୁସାରେ, ନଭେମ୍ବର ୧ରୁ ଜାନୁଆରି ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜିକୃତ ବିଏସ୍-୬ ମାନକରୁ କମ୍ ପେଟ୍ରୋଲ ଓ ଡିଜେଲ୍ ଗାଡ଼ିକୁ ରାଜଧାନୀରେ ପ୍ରବେଶ ଅନୁମତି ମିଳିବ ନାହିଁ। ଏଥିରେ ବିଏସ୍-୩ ଓ ବିଏସ୍-୪ ଗାଡ଼ି ମଧ୍ୟ ରହିଛି। ତେବେ ସିଏନ୍‌ଜି, ଇଲେକ୍ଟ୍ରିକ୍ ଓ ବିଏସ୍-୬ ଗାଡ଼ିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଯାଞ୍ଚ ପାଇଁ ପ୍ରାୟ ୫୦ ଜଣ ଟ୍ରାଫିକ୍ ଓ ହରିୟାଣା ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ। ନିୟମ ଉଲ୍ଲଂଘନକାରୀ ଗାଡ଼ିକୁ ଚାଲାଣ କାଟି ଫେରାଇ ଦିଆଯାଉଥିଲା। ଫଳରେ ଅନେକ ଯାତ୍ରୀ ଦୁଇ ଘଣ୍ଟାରୁ ଅଧିକ ସମୟ ଟ୍ରାଫିକ୍‌ରେ ଫସି ରହିଥିଲେ। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଜାମ୍ ଅପରାହ୍ଣ ପ୍ରାୟ ୩ଟାରେ କମିଥିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯାତ୍ରୀଙ୍କ ପାଇଁ ଭାରି ଯନ୍ତ୍ରଣାଦାୟକ ହୋଇଛି।

କମୁନି ମଧ୍ୟପ୍ରାଚ୍ୟ ଉତ୍ତେଜନା

ଆମେରିକା ନିକଟରେ ୭ଟି ସର୍ତ୍ତ ରଖିଲା ଇରାନ

ତେହରାନ,୧।୧୧: ଇରାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ ଏବଂ ଉଭୟ ଦେଶ ମଧ୍ୟରେ ଉତ୍ତେଜନା କମିବାର ମଧ୍ୟ କୌଣସି ସଙ୍କେତ ମିଳୁନାହିଁ। ଏହି ସମୟରେ, ତେହରାନ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛି। ଇରାନର ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ମୋହସେନ ରେଜାୟୀ କହିଛନ୍ତି ଯେ, ଯଦି ଇରାନର ସାତୋଟି ସର୍ତ୍ତ ପୂରଣ କରାଯାଏ, ତେବେ ଆଲୋଚନା ଏବଂ କୂଟନୀତିର ରାସ୍ତା ଖୋଲା ରହିଛି। ତେହରାନ ଚେତାବନୀ ଦେଇଛି ଯେ ଇରାନ ଉପରେ ଯେକୌଣସି ଆକ୍ରମଣ ହେଲେ ତାହାର ଅତ୍ୟନ୍ତ କଠୋର ଜବାବ



ଦିଆଯିବ। ରେଜାୟୀଙ୍କ ଅନୁଯାୟୀ, ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କ ନିର୍ଦ୍ଦେଶକ୍ରମେ ଇରାନ ନୂତନ ଅସ୍ତ୍ରଶସ୍ତ୍ର ମୁତୟନ କରିପାରେ। ଆମେରିକୀୟ ନ୍ୟୁଜ ୱେବସାଇଟ 'ଆକ୍ସିଓସ' ର ଏକ ରିପୋର୍ଟ ଅନୁଯାୟୀ, ଶୁକ୍ରବାର କତାରର ମଧ୍ୟସ୍ଥୀକାରୀମାନେ ଇରାନର ରାଜଧାନୀ ତେହରାନରେ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଛନ୍ତି। ଇରାନ ଆମେରିକା ସମ୍ମୁଖରେ ସାତୋଟି ସର୍ତ୍ତ ରଖିଛି; ଯଦି ଆମେରିକା ଏଗୁଡ଼ିକୁ ଗ୍ରହଣ କରେ, ତେବେ ଉଭୟ ଦେଶ ମଧ୍ୟରେ ଆଲୋଚନା ଓ କୂଟନୈତିକ ପ୍ରକ୍ରିୟା ପାଇଁ ରାସ୍ତା ଖୋଲା ରହିବ। ତେବେ, ତେହରାନ ସ୍ପଷ୍ଟ କରିଦେଇଛି ଯେ ଯଦି ଆମେରିକା ଇରାନ ଉପରେ କୌଣସି ନୂତନ ଆକ୍ରମଣ କରେ, ତେବେ ଇରାନ ନୀରବ ହୋଇ ବସିବ ନାହିଁ, ବରଂ ଦୃଢ଼ ଜବାବ ଦେବ। ଇରାନ ଦ୍ୱାରା ରଖାଯାଇଥିବା ସାତୋଟି ସର୍ତ୍ତ ମଧ୍ୟରେ ତେଲ ରପ୍ତାନି ଉପରେ ଲାଗୁ ହୋଇଥିବା କଟକଣା (ସାଙ୍କସନ) ହଟାଇବା ଏବଂ ବିଦେଶରେ ଅଟକି ରହିଥିବା ଅର୍ଥରାଶିବିଶେଷକରି କତାରରେ ଜମା ଥିବା ୬ ବିଲିୟନ ଡଲାରଫେରସ୍ତ ପାଇବା ଦାବି ଅନ୍ତର୍ଭୁକ୍ତ।

ଇରାନକୁ ଖୋଲା ଧମକ

୧୦ ମିନିଟରେ ଧ୍ୱଂସ କରିପାରିବ : ଟ୍ରମ୍ପ

ପଶ୍ଚିମ ଏସିଆରେ ପୁଣି ବଢ଼ିଲା ଯୁଦ୍ଧ ଆଶଙ୍କା । ଇରାନକୁ ନେଇ ପୁଣିଥରେ କଡ଼ା ଚେତାବନୀ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନରେ ଆଉ ଗୋଟିଏ କିମ୍ବା ଦୁଇଟି ଟାର୍ଗେଟ୍ ବାକି ରହିଛି ଏବଂ ଆବଶ୍ୟକ ପଡ଼ିଲେ ଆମେରିକା ଅତି କମରେ ୧୦ ମିନିଟ ସମୟ ଲାଗିବ ସେଗୁଡ଼ିକୁ ଧ୍ୱଂସ କରିପାରିବ ବୋଲି ଟ୍ରମ୍ପ କହିଛନ୍ତି । ତାଙ୍କର ଏହି ବୟାନ ପରେ ଆମେରିକା ଓ ଇରାନ ମଧ୍ୟରେ ପୁଣି ସାମରିକ ଉତ୍ତେଜନା ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଫ୍ଲୋରିଡାରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଇରାନର ସାମରିକ କ୍ଷମତା ଏବଂ ପରମାଣୁ କାର୍ଯ୍ୟକ୍ରମକୁ ଯଥେଷ୍ଟ ଦୁର୍ବଳ କରିସାରିଛି । ତଥାପି କିଛି ସ୍ଥାନ ଏବେ ବି ଆମେରିକାର ନଜରରେ ରହିଛି। ବିଶେଷ କରି ନାତାଞ୍ଜ ପରମାଣୁ କେନ୍ଦ୍ର ନିକଟରେ ଥିବା ସନ୍ଦେହଜନକ ଭୂଗର୍ଭ କମ୍ପ୍ଲେକ୍ସ 'ପିକ୍‌ଆକ୍ସ ମାଉଣ୍ଟେନ୍'କୁ ନେଇ ସେ ଉଲ୍ଲେଖ କରିଛନ୍ତି । ଏହି ସ୍ଥାନକୁ ମଧ୍ୟ ଆମେରିକାକୁ ନିୟନ୍ତ୍ରଣକୁ ଆଣିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଟ୍ରମ୍ପଙ୍କ ଚେତାବନୀ ପୂର୍ବରୁ ଇରାନର ସୁପ୍ରିମ୍ ଲିଡର୍ ମୋଜତବା ଖାମେନେଇ ମଧ୍ୟ ଆମେରିକା ଓ ଇସ୍ରାଏଲକୁ କଡ଼ା ସନ୍ଦେଶ ଦେଇଛନ୍ତି । ଇରାନ ଉପରେ ପୁଣି କୌଣସି ସାମରିକ ଆକ୍ରମଣ ହେଲେ ତୁରନ୍ତ ଏବଂ ବ୍ୟାପକ ପ୍ରତିଜବାବ ଦେବାକୁ ସେ ଇରାନୀ ସେନାକୁ ନିର୍ଦ୍ଦେଶ ଦେଇଥିବା ଦାବି କରାଯାଇଛି । ଏଥିସହ ଆମେରିକା ଓ ଇସ୍ରାଏଲର ପ୍ରମୁଖ ଟାର୍ଗେଟ୍‌ଗୁଡ଼ିକୁ ନୂଆ ଟାର୍ଗେଟ୍ ତାଲିକାରେ ସାମିଲ କରିବାକୁ ମଧ୍ୟ କହିଛନ୍ତି । ଇରାନର ସଶସ୍ତ୍ର ବାହିନୀକୁ ଅଧିକ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉତ୍ପାଦନ, ସାମରିକ ଗୁପ୍ତଚର ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ନିଜସ୍ୱ ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ରହିଛି ।

ରୁଷର ତୈଳ ବିଶୋଧନାଗାର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

୧୦୦ରୁ ଅଧିକ ଡ୍ରୋନ୍ ଖସାଇଲା ମସ୍କୋ

ନୂଆଦିଲ୍ଲୀ,୧।୧୧: ରୁଷ-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେଉଥିବା ବେଳେ ରୁଷର ଏକ ପ୍ରମୁଖ ତୈଳ ବିଶୋଧନାଗାରକୁ ଟାର୍ଗେଟ୍ କରିଛି ୟୁକ୍ରେନ୍ । ରୁଷର ନିଜ୍ନି ନୋଭଗୋରୋଡ୍ ଅଞ୍ଚଳର କସଟୋଭୋ ଜିଲ୍ଲାରେ ଥିବା ଏହି ତୈଳ ବିଶୋଧନାଗାର ଉପରେ ରାତିସାରା ଡ୍ରୋନ୍ ଆକ୍ରମଣ ହୋଇଥିବା ନେଇ ରୁଷ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ, ୟୁକ୍ରେନର ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ରୁଷର ବାୟୁ ପ୍ରତିରକ୍ଷା ବାହିନୀ ୧୦୦ରୁ ଅଧିକ ଡ୍ରୋନ୍ ଧ୍ୱଂସ କରିଥିବା ଦାବି କରିଛି ମସ୍କୋ । ନିଜ୍ନି ନୋଭଗୋରୋଡ୍ ଅଞ୍ଚଳର ରାଜ୍ୟପାଳ ଗ୍ଲେବ୍ ନିକିଟିନ୍ କହିଛନ୍ତି ଯେ, ରାତିରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ କସଟୋଭୋ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ତେବେ ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ କୌଣସି ଜୀବନହାନି ହୋଇନାହିଁ । ରୁଷ ପକ୍ଷରୁ ଏହାକୁ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ବୋଲି କୁହାଯାଉଥିବା ବେଳେ ୟୁକ୍ରେନ୍ ଗଣମାଧ୍ୟମ ନିଜ ସେନା ରୁଷର ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାରକୁ ସଫଳତାର ସହ ଟାର୍ଗେଟ୍ କରିଥିବା ଦାବି କରିଛି । ରୁଷର ବରିଷ୍ଠ ଅଧିକାରୀ ଆଲେକ୍ସଜାଣ୍ଡାର୍ ନୋଭାକ୍ ମଧ୍ୟ ଏହି ଆକ୍ରମଣକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ।

ଭୁବନେଶ୍ୱର, ସୋମବାର ୦୨ ନଭେମ୍ବର ୨୦୨୬
Bhubaneswar, Monday 02 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ଶେଷ ଟ୍ୱେଣ୍ଟି-୨୦ ମ୍ୟାଚରେ ହାରିଲା ଭାରତ

ସେଫର୍ଟ ଓ ଫିଲିପ୍ସଙ୍କ ବିସ୍ଫୋରକ ବ୍ୟାଟିଂ

୩-୨ରେ ସିରିଜ୍ ହାତେଇଲା ଭାରତ

ଭାରତ ୧୯୧/୮, ନ୍ୟୁଜିଲାଣ୍ଡ ୧୯୫/୩



ହାମିଲଟନ,୧।୧୧: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ ଯେଉଁଭଳି ଆରମ୍ଭ କରିଥିଲା ସେମିତି ଶେଷ କରି ପାରିନି। ପ୍ରଥମ ତିନୋଟି ଟି-୨୦ ଜିତି ଦମଦାର ଫର୍ମରେ ଥିବା ଭାରତ ଶେଷ ଦୁଇଟି ଟି-୨୦ରେ ପରାଜୟ ଭୋଗିବା ସିରିଜ ବିଜୟ ଉତ୍ସବକୁ ଫିକା କରି ଦେଇଛି। ଆଜି ହାମିଲଟନର ସେଡନ ପାର୍କରେ ଖେଳା ଯାଇଛି ପଞ୍ଚମ ଟି-୨୦। ଘରୋଇ ନ୍ୟୁଜିଲାଣ୍ଡ ସହଜରେ ଭାରତକୁ ୭ ୱିକେଟରେ ପରାଜୟ କରି ନିଜର ସମ୍ମାନ ରଖି ପାରିଛି। ଭାରତ ଅବଶ୍ୟ ସିରିଜ୍ ୩-୨ରେ ଜିତିଛି। ଭାରତ ପ୍ରଥମେ ବ୍ୟାଟିଂ କରି ଇଶାନ କିଶନଙ୍କ ୬୧ ରନ ଓ ଶ୍ରେୟସ ଆୟରଙ୍କ ୫୦ ରନ ବଳରେ ୮ ୱିକେଟ୍ ହରାଇ ୧୯୧ ରନ କରିଥିଲା। ଜବାବରେ କିୱି ଦଳ ଟିମ୍ ସେଇଫର୍ଟଙ୍କ ଦମଦାର ୯୩ ରନ ଓ ଗ୍ଲେନ ଫିଲିପ୍ସଙ୍କ ୬୪ ରନ ବଳରେ ୧୨ଟି ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଛି। ଟି-୨୦ ସିରିଜ୍ ପରେ ନଭେମ୍ବର ୪ରୁ ଆରମ୍ଭ ହେବ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍।

୧୯୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା କିୱି ଦଳକୁ ୯ ରନ ସ୍କୋରର ପ୍ରଥମ ଝଟକା ଲାଗିଥିଲା। ଫିନ ଆଲେନ ୨ ରନ କରି ଆଉଟ୍ ହୋଇଥିଲେ। ହେଲେ ଏହା ପରେ ଟିମ୍ ସେଇଫର୍ଟ ଓ ଡାରିଲ ମିଚେଲ୍ ଭାରତୀୟ ବୋଲରଙ୍କ ଉପରେ ପ୍ରତିଆକ୍ରମଣ କରିଥିଲେ। ଦୁହେଁ ଦ୍ୱିତୀୟ ୱିକେଟ୍ ପାଇଁ ୭୩ ରନ ଯୋଡ଼ି ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ମିଚେଲ୍ ୨୯ ରନ କରି ପାଭିଲିୟନ ଫେରିଥିଲେ। ଅନ୍ୟପଟେ ସେଇଫର୍ଟ ଅର୍ଦ୍ଧଶତକ ହାସଲ କରିବା ସହ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ।

ଫର୍ମରେ ଥିବା ଗ୍ଲେନ ଫିଲିପ୍ସ କ୍ରିଜକୁ ଆସିବା ମାତ୍ରେ ଭାରତୀୟ ବୋଲରଙ୍କୁ ଚାପରେ ରଖିଥିଲେ। ଦୁହେଁ ୮୬ ରନ ଯୋଡ଼ି ଦଳର ବିଜୟ ସୁନିଶ୍ଚିତ କରିଥିଲେ। ସେଇଫର୍ଟ ୫୦ ବଲରୁ ୧୧ ଚୌକା ଓ ୫ ଛକା ସହ ୯୩ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ୧୮ ଓଭରରେ ନ୍ୟୁଜିଲାଣ୍ଡ ୩ ୱିକେଟ୍ ହରାଇ ସହଜରେ ୧୯୨ ରନର ଲକ୍ଷ୍ୟ ହାସଲ କରି ନେଇଛି। ପୂରା ସିରିଜରେ ଦମଦାର ପ୍ରଦର୍ଶନ କରିଥିବା ଫିଲିପ୍ସ ପୁଣି ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳି ୩୮ ବଲରୁ ୮ ଚୌକା ଓ ୩ ଛକା ସହ ଅପରାଜିତ ୬୫ ରନ କରିଥିଲେ। ଭାରତୀୟ ଦଳ ପକ୍ଷରୁ ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ । ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟିରେ ସିରିଜରେ ଘରୋଇ ଦଳର ଏହା ପ୍ରଥମ ଟସ୍ ବିଜୟ । ପୂର୍ବ ୪ ଟି ମ୍ୟାଚ୍ ଅଧିନାୟକ ଆୟର ଟସ୍ ଜିତିଥିଲେ । ବଡ଼ କଥା ହେଲା ଭାରତ ଏକାଦଶ । ଯେଉଁଥିରେ ପରିବର୍ତ୍ତନ ହୋଇଥିଲା । ପୂର୍ବ ମ୍ୟାଚ୍ ପରି ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେଇଂ ଏକାଦଶରେ ସ୍ଥାନ ମିଳିନଥିଲା । ସେହିପରି ଚତୁର୍ଥ ମ୍ୟାଚରୁ ବାଦ୍ ପଡିଥିବା ଭୁବନେଶ୍ୱର କୁମାର ଶେଷ ମ୍ୟାଚ୍‌ରେ ପ୍ଲେଇଂ ଏକାଦଶକୁ ଫେରିଥିଲେ । ମୟଙ୍କ ଯାଦବଙ୍କ ସ୍ଥାନରେ ବରୁଣ ଚକ୍ରବର୍ତ୍ତୀଙ୍କୁ ଚାନ୍ସ ମିଳିଥିଲା । ଭାରତ ପକ୍ଷରୁ ଓପନିଂ କରିଥିବା ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ନିରାଶ କରିଥିଲେ । ଅଭିଷେକ ୨ ବଲ୍ ଖେଳି ୧ ଏବଂ ସଞ୍ଜୁ ସାମସନ ୧୦ଟି ବଲ୍ ଖେଳି ମାତ୍ର ୪ ରନ୍ କରିଥିଲେ । ଅଭିଷେକଙ୍କ ପରେ ଇଶାନ କିଷନ ମୋର୍ଚ୍ଚା ସମ୍ଭାଳିଥିଲେ । ଦ୍ୱିତୀୟ ଏବଂ ତୃତୀୟ ମ୍ୟାଚ୍ ଖେଳି ପାରନଥିଲା ଇଶାନ ହାଲିମଟନରେ ଆତଙ୍କ ଖେଳାଥିଲେୟ । ଚୌକା-ଛକା ବର୍ଷା କରିଥିଲେ । ତାଙ୍କ ସହିତ ଥିଲେ କ୍ୟାପ୍ଟେନ୍ ଆୟର । ୫ ଚୌକା ଏବଂ ୫ ଛକା ସହ ୩୨ ବଲରେ ୬୧ ରନ୍ କରିଥିଲେ ଇଶାନ । ଭାରତ ପାଇଁ ଟି-ଟ୍ୱେଣ୍ଟିରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ୍ କରିଛନ୍ତି ଇଶାନ । ଟି-ଟ୍ୱେଣ୍ଟିରେ ୨ ହଜାର ରନ୍ ପୂରଣ କରିଛନ୍ତି । ସେହିପରି ଆୟର ୨୨ ବଲରେ ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କରକୁ ଆଗକୁ ନେଇଥିଲେ । ସେ ୩ ଚୌକା, ୪ ଛକା ସହିତ ୨୩ ବଲରେ ୫୦ ରନ୍ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ଏବଂ ନୀତିଶ ରେଡ୍ଡୀ ଟିମ୍ ଇଣ୍ଡିଆକୁ ଭଲ ଫିନିସ୍ ଦେଇଥିଲେ । ଦୁହେଁ ଯଥାକ୍ରମେ ୩୩ ଏବଂ ୨୨ ରନ୍ କରିଛନ୍ତି । ୨୦ ଓଭରରେ ଭାରତ ୮ ୱିକେଟ୍ ହରାଇ ୧୯୧ ରନ୍ କରିଛି । ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ ମିଲନେ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି ।ଶେଷ ମ୍ୟାଚ୍‌ରେ ବୈଭବଙ୍କୁ ଚାନ୍ସ ମିଳିନାହିଁ । ଯାହା ତାଙ୍କ ଫ୍ୟାନ୍ସଙ୍କୁ ନିରାଶ କରିଛି । ଭୁବନେଶ୍ୱର କୁମାର ଏବଂ ବରୁଣ ଚକ୍ରବର୍ତ୍ତୀ ଫେରିଛନ୍ତି । ଘରୋଇ ଦଳକୁ ଲକ୍ଷ୍ୟ ହାସଲ କରିବାରେ ଦୁଇ ବୋଲର ଅଟକାଇ ପାରୁଛନ୍ତି ନା ନାହିଁ ତାହା ଉପରେ ନଜର । ବିଶେଷ କରି ଚତୁର୍ଥ ମ୍ୟାଚରେ ଶତକୀୟ ଇନିଂସ ଖେଳିଥିବା ଗ୍ଲେନ୍ ଫିଲିପ୍ସ ଉପରେ ନଜର ରହିବ । ଟି-ଟ୍ୱେଣ୍ଟି ସିରିଜ୍ ପରେ ଭାରତ ବନାମ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ଆରମ୍ଭ ହେବ । ନଭେମ୍ବର ୪ରୁ ଅକଲାଣ୍ଡରେ ପ୍ରଥମ ଦିନିକିଆ ଖେଳାଯିବ ଯେଉଁଥିରେ ରୋହିତ ଏବଂ କେହଲିଙ୍କ ଉପରେ ନଜର ରହିବ ।

ଚିନ୍ତାରେ ଭୁବନେଶ୍ୱର କୁମାର

ନୂଆଦିଲ୍ଲୀ,୧।୧୧: ଭାରତୀୟ କ୍ରିକେଟ୍ ଦଳର ଅଭିଜ୍ଞ ତଥା ଷ୍ଟାର୍ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଟି-୨୦ ପ୍ରତ୍ୟାବର୍ତ୍ତନ ଆଶାନୁରୂପ ହୋଇପାରି ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ଫେରିଥିବା ଭୁବନେଶ୍ୱର ବୋଲିଂରେ ଆଶାନୁରୂପ ସଫଳ ହୋଇପାରି ନାହାନ୍ତି। ତାଙ୍କର ଏହି ନିରାଶାଜନକ ପ୍ରଦର୍ଶନ ଯୋଗୁଁ ତାଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ଯୋଡ଼ି ହୋଇଯାଇଛି।

ପୂରା ସିରିଜରେ ଭୁବନେଶ୍ୱର ମୋଟ ୪ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ପ୍ରତ୍ୟେକ ମ୍ୟାଚ୍‌ରେ ନିଜର ୪ ଓଭର କୋଟା ପୂରଣ କରି ସେ ମୋଟ ୧୬ ଓଭର ବୋଲିଂ କରିଥିଲେ ମଧ୍ୟ କେବଳ ୧ଟି ମାତ୍ର ୱିକେଟ୍ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଏହି ସମୟ ମଧ୍ୟରେ ସେ ୧୧.୨୫ର ମହଙ୍ଗା ଇକୋନୋମି ରେଟରେ ମୋଟ ୧୮୦ ରନ୍ ବ୍ୟୟ କରିଥିଲେ, ଅର୍ଥାତ୍ ଓଭର ପିଛା ହାରାହାରି ୧୧ରୁ ଅଧିକ ରନ୍ ଦେଇଥିଲେ। ଗୋଟିଏ ଟି-୨୦ ସିରିଜରେ ସବୁଠାରୁ ଖରାପ ବୋଲିଂ ଆଭରେଜ୍ ରଖିବାର ଅଲୋଡ଼ା ରେକର୍ଡ ଏବେ ଭୁବନେଶ୍ୱରଙ୍କ ନାମରେ ଯୋଡ଼ି ହୋଇଛି। ୧୮୦ ରନ୍ ଦେଇ ମାତ୍ର ୧ ୱିକେଟ୍ ନେଇଥିବାରୁ ତାଙ୍କର ବୋଲିଂ ହାରାହାରି ୧୮୦ ରହିଛି। ଏହାପୂର୍ବରୁ ୨୦୨୧ରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ନ୍ୟୁଜିଲାଣ୍ଡର କାଇଲ୍ ଜେମିସନ୍ ୧୭୫ ଆଭରେଜ୍ ରଖି ଏହି ସୂଚୀରେ ଶୀର୍ଷରେ ଥିବା ବେଳେ ଏବେ ଭୁବନେଶ୍ୱର ତାଙ୍କୁ ପଛରେ ପକାଇ ଦେଇଛନ୍ତି। ବୋଲିଂ ଆଭରେଜ୍ ହେଉଛି ଜଣେ ବୋଲର୍ ଦେଇଥିବା ମୋଟ ରନକୁ ତାଙ୍କ ଦ୍ୱାରା ନିଆଯାଇଥିବା ୱିକେଟ୍ ସଂଖ୍ୟା ଦ୍ୱାରା ଭାଗ କଲେ ମିଳୁଥିବା ସଂଖ୍ୟା। ଏଭଳି ନିରାଶାଜନକ ପ୍ରଦର୍ଶନ ପରେ ଆଗାମୀ ସିରିଜଗୁଡ଼ିକ ପାଇଁ ଚୟନକର୍ତ୍ତା ଭୁବନେଶ୍ୱର କୁମାରଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରୁଛନ୍ତି କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର।

୩୪ତମ ଏକଲବ୍ୟ ପୁରସ୍କାର

ସୁନେଲିତା ଟପ୍ପୋ ବିଜେତା

ଭୁବନେଶ୍ୱର: ଓଡ଼ିଶାର ଅସାଧାରଣ କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଦେଇ ହକି ଖେଳାଳି ସୁନେଲିତା ଟପ୍ପଙ୍କୁ ପ୍ରତିଷ୍ଠିତ ୩୪ତମ ଏକଲବ୍ୟ ପୁରସ୍କାର ୨୦୨୬ ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଜୁରୀ ସଦସ୍ୟମାନଙ୍କୁ ନେଇ ଗଠିତ ଏକଲବ୍ୟ ପୁରସ୍କାର କମିଟି ଦ୍ୱାରା ଏହି ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି। ଇଣ୍ଡିଆନ୍ ମେଟାଲ୍ସ



ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏବଂ ଭାରତର ସର୍ବବୃହତ ଫେରୋ କ୍ରୋମ୍ ଉତ୍ପାଦନକାରୀ କମ୍ପାନି ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯିବ। ହକି କ୍ଷେତ୍ରରେ ଜଣେ ଉଦୀୟମାନ ପ୍ରତିଭା ସୁନେଲିତା ଟପ୍ପ କ୍ରୀଡ଼ାରେ ତାଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସଫଳତା ପାଇଁ ଏହି ସ୍ୱୀକୃତି ଲାଭ କରିଛନ୍ତି। ଏହି ପୁରସ୍କାର ବାବଦରେ ୭ ଲକ୍ଷ ଟଙ୍କାର ନଗଦ ସାହାଯ୍ୟ ସହ ଏକ ଟ୍ରଫି ପ୍ରଦାନ କରାଯିବ, ଯାହା ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏକଲବ୍ୟ ପୁରସ୍କାର ପ୍ରଦାନ ସମାରୋହରେ ପ୍ରଦାନ କରାଯିବ।

ଏହାବ୍ୟତୀତ ହକି ଖେଳାଳି ଅମନଦୀପ ଲାକ୍ରା ଏବଂ ବ୍ୟାଡମିଣ୍ଟନ ଖେଳାଳି ତନଭୀ ପାତ୍ରୀ ଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରଶସ୍ତିପତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ଉପବିଜେତାଙ୍କୁ ସମାରୋହରେ ମାନପତ୍ର ସହ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ।

ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରି ଏକଲବ୍ୟ ପୁରସ୍କାର କମିଟିର ଅଧ୍ୟକ୍ଷ ତଥା ' ଇମ୍ପାକ୍ଟ' ର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା କହିଛନ୍ତି, ଓଡ଼ିଶାରେ ଅପାର କ୍ରୀଡ଼ା ସମ୍ଭାବନା ରହିଛି ଏବଂ ଯୁବ ଆଥଲେଟ୍‌ମାନେ ସେମାନଙ୍କର ପ୍ରାପ୍ୟ ସ୍ୱୀକୃତି ଓ ପ୍ରୋତ୍ସାହନ ପାଇବା ଅତ୍ୟନ୍ତ ଜରୁରୀ। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକଲବ୍ୟ ପୁରସ୍କାର ଅସାଧାରଣ ପ୍ରତିଭାକୁ ସେଲିବ୍ରେଟ୍ କରିଆସୁଛି ଏବଂ ଆଶାୟୀ କ୍ରୀଡ଼ାବିତ୍‌ମାନଙ୍କୁ ଉଚ୍ଚ ଆଶା ରଖିବାକୁ ଅନୁପ୍ରାଣିତ କରିଆସୁଛି। ଏହି ପଦକ୍ଷେପ ମାଧ୍ୟମରେ ଆମେ ସେମାନଙ୍କ ସଫଳତାକୁ ସ୍ୱୀକୃତି ଦେବା ଏବଂ ଆଗାମୀ ପିଢ଼ିକୁ ରାଜ୍ୟ ପାଇଁ ଅଧିକ କ୍ରୀଡ଼ା ଗୌରବ ଆଣିବାକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଚୟନ କମିଟି ବୈଠକର କାର୍ଯ୍ୟଧାରାକୁ ଏକଲବ୍ୟ ପୁରସ୍କାର କମିଟିର ଆବାହକ ଅଶ୍ୱିନୀ ପ୍ରସାଦ ମହାନ୍ତି ସଂଯୋଜନା କରିଥିଲେ।

୧୦ ବର୍ଷ ପରେ ଟେଷ୍ଟ ଶୀର୍ଷରେ ଦକ୍ଷିଣ ଆଫ୍ରିକା

ଦୁବାଇ,୧।୧୧: କେପ ଟାଉନ୍‌ରେ ଅଷ୍ଟ୍ରେଲିଆର ବଡ଼ ପରାଜୟ। ତୃତୀୟ ଟେଷ୍ଟ ଜିତିବାକୁ ଶେଷ ଦିନରେ ଦଳକୁ ମିଳିଥିଲା ୨୮୮ ରନର ଟାର୍ଗେଟ। କିନ୍ତୁ ଦକ୍ଷିଣ ଆଫ୍ରିକାର ଘାତକ ବୋଲିଂ ଆଗରେ ମାଟି କାମୁଡ଼ିଛି କଙ୍ଗାରୁ ଟିମ।୫ମ ଦିନରେ ଦଳ ୨ଟି ସେସନ୍ସ ମଧ୍ୟ ବ୍ୟାଟିଂ କରିପାରି ନାହିଁ। ପୂରା ଟିମ ୧୧୧ ରନରେ ଅଲଆଉଟ ହୋଇ ଯାଇଛି। ଅଷ୍ଟ୍ରେଲିଆ ୧୭୬ ରନରେ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଦେଖାଯାଇଛି ବଡ଼ ଓଲଟ ପାଲଟ। ସେହିପରି ଦକ୍ଷିଣ ଆଫ୍ରିକା ୧୦ ବର୍ଷ ପରେ ଆଇସିସି ଟେଷ୍ଟ ଟିମର ରାଙ୍କିଙ୍ଗରେ ୧ ନମ୍ବର ସ୍ଥାନରେ ପହଞ୍ଚିବାକୁ ସକ୍ଷମ ହୋଇଛି। ଅଷ୍ଟ୍ରେଲିଆକୁ ହଟାଇ ଦଳ ଏହି ସଫଳତା ପାଇଛି।



ଅଷ୍ଟ୍ରେଲିଆ ଆଜି ଦକ୍ଷିଣ ଆଫ୍ରିକା ଠାରୁ ତୃତୀୟ ଟେଷ୍ଟରେ ହାରିବାରୁ ନ୍ୟୁଜିଲ୍ୟାଣ୍ଡ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚି ଯାଇଛି। ଦଳର ବିଜୟ ପ୍ରତିଶତ ପଏଣ୍ଟ ୭୨.୨୨ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରୁ ସିଧା ୩ ନମ୍ବରକୁ ଖସିଛି।

ଦକ୍ଷିଣ ଆଫ୍ରିକା ଦ୍ୱିତୀୟକୁ ଉଠିଛି। ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ପଏଣ୍ଟ ୬୯.୨୩ ରହିଛି। ସେହିପରି ଦକ୍ଷିଣ ଆଫ୍ରିକାର ପିସିଟି ୬୬.୬୭ରୁ ବଢ଼ି ସିଧା ୭୧.୪୩ରେ ପହଞ୍ଚି ଯାଇଛି। ଏହି ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ୧ ନମ୍ବର, ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଏପଟେ ଭାରତ ମଧ୍ୟ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଗୋଟିଏ ସ୍ଥାନ ଉପରକୁ ଉଠିଛି। ଦଳର ବିଜୟ ପ୍ରତିଶତ ପଏଣ୍ଟ ରହିଛି ୫୧.୫୨। ୱେଷ୍ଟଇଣ୍ଡିଜ ଠାରୁ ବାଂଲାଦେଶ ହାରିବାରୁ ଭାରତକୁ ଏହି ଫାଇଦା ମିଳିଛି।ବାଂଲାଦେଶ ଏହି ମ୍ୟାଚ୍ ପୂର୍ବରୁ ୫୫.୫୬ ପିସିଟି ସହ ଭାରତ ଉପରେ ଅର୍ଥାତ ୪ର୍ଥ ସ୍ଥାନରେ ଥିଲା। ୬ଟି ମ୍ୟାଚ୍‌ରୁ ଦଳ ୩ଟିରେ ଜିତିଥିଲା ଓ ଗୋଟିଏ ଡ୍ର ରହିଥିଲା। ହେଲେ ଇଣ୍ଡିଜ ଠାରୁ ହାରିବା ପରେ ଦଳର ପିସିଟି ସିଧା ୪୭.୬୨କୁ ଖସି ଆସିଛି। ତେଣୁ ଭାରତ ୫ମରୁ ୪ର୍ଥକୁ ଉଠିଛି। ଭାରତ ଏଯାଏ ୧୧ଟି ମ୍ୟାଚ୍‌ରୁ ୫ଟି ଜିତିଛି, ୪ଟି ହାରିଛି ଓ ୨ଟି ମ୍ୟାଚ୍ ଡ୍ର କରିପାରିଛି। ବାଂଲାଦେଶକୁ ୱେଷ୍ଟଇଣ୍ଡିଜ ହରାଇଥିଲେ ହେଁ ଦଳର ପିସିଟି ୨୬.୯୨% ରହିଛି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ମ୍ୟାଚକୁ ବିଚାରକୁ ନେଲେ ପୂରା ୫ ଦିନ ଦୁଇ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମ ଇନିଂସରେ ଘରୋଇ ଟିମ ଦକ୍ଷିଣ ଆଫ୍ରିକା ୩୨୯ ରନ କରିଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ କରିଥିବା ୪୨୯। ଅର୍ଥାତ ଦଳକୁ ମିଳିଥିଲା ୧୦୦ ରନର ଲିଡ୍। ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ପାଇଁ ରିୟାନ ରିକେଲଟନ ୧୦୧ ରନ ଓ ୱିନ ମୁଲଡର ୧୧୩ ରନ କରିଥିଲେ। ଏଥିଯୋଗୁ ଦକ୍ଷିଣ ଆଫ୍ରିକା ୩୮୭ ରନ କରିପାରିଥିଲା।

ଦକ୍ଷିଣ ଆଫ୍ରିକା ୪ର୍ଥ ଦିନ ଶେଷ ବେଳକୁ ଅଲଆଉଟ ହେବାରୁ ଅଷ୍ଟ୍ରେଲିଆ ଆଉ ବ୍ୟାଟିଂ କରି ନଥିଲା। ଆଜି ଶେଷ ଦିନରେ ଦଳ ୨୮୮ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକା ପାଇଁ ସ୍ପିନର ସିମନ ହାର୍ମର ଓ ଦ୍ରୁତ ବୋଲର କାଗିସୋ ରବାଡା କମାଲ କରିଥିଲେ।

ହାର୍ମର ୬ଟି ଓ ରବାଡା ୩ଟି ୱିକେଟ ଦଖଲ କରିବାରୁ ଅଷ୍ଟ୍ରେଲିଆ କେବଳ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ଟିକିଆ ଟେଷ୍ଟ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଏଥିସହ ଆଇସିସି ଟେଷ୍ଟ ରାଙ୍କିଙ୍ଗର ୧ନମ୍ବର ସ୍ଥାନ ମଧ୍ୟ ଦଖଲ କରିଛି। ପୂର୍ବରୁ ୧ ନମ୍ବର ସ୍ଥାନରେ ଅଷ୍ଟ୍ରେଲିଆ ରହିଥିଲା। ଦୀର୍ଘ ୧୦ ବର୍ଷରେ ଦକ୍ଷିଣ ଆଫ୍ରିକା ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି। ଶେଷ ଥର ୨୦୧୬ ମସିହା ଜାନୁଆରରେ ଦଳକୁ ଏହି ସଫଳତା ମିଳିଥିଲା। ଏବେ ଦକ୍ଷିଣ ଆଫ୍ରିକାର ପଏଣ୍ଟ ୧୨୪ ରହିଥିବା ବେଳେ ଅଷ୍ଟ୍ରେଲିଆ ୧୨୨କୁ ଖସି ଯାଇଛି। ଭାରତ ପୂର୍ବଭଳି ୪ର୍ଥ ସ୍ଥାନରେ ଅଛି।

ଦ୍ୱିତୀୟ 'ଏ' ଟେଷ୍ଟ: ଜୁରେଲଙ୍କ ଶତକ

ଖ୍ରୀଷ୍ଟଚର୍ଚ୍ଚ,୧।୧୧(ଏଜେନ୍ସି): ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ୍‌ରେ ଅଧିନାୟକ ଧ୍ରୁବ ଜୁରେଲ (୧୦୫)ଙ୍କ ଶତକ ବଳରେ ଭାରତ ୩୪୬ ରନ୍ କରିଛି। ଗତକାଲିର ସ୍କର୍ ୨୯୧/୭ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେ ୬ ରନ୍ ଯୋଡ଼ିବା ପରେ ଜୁରେଲଙ୍କୁ ହରାଇଥିଲା। ଏହାପରେ ଆକାଶ ଦୀପ ଚମତ୍କାର ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ମହମ୍ମଦ ସିରାଜ (୧୨ ବଲ୍‌ରୁ ୦)ଙ୍କ ୩୭ ଏବଂ ମୁକେଶ କୁମାର (୨ ବଲ୍‌ରୁ ୫)ଙ୍କ ୧୨ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କର୍ ଦେଢ଼ଶହର ନିକଟବର୍ତ୍ତୀ କରିଥିଲେ। ଜାବାବରେ ନ୍ୟୁଜିଲାଣ୍ଡ ୧୩ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲେ। ହେଲେ ମାଥ୍ୟୁ ବୋୟଲ (୧୦୮) ଓ ଡିନ୍ ଫକ୍ସକ୍ରଫ୍ଟ (୮୦) ଅବିଭାଜିତ ଚତୁର୍ଥ ୱିକେଟ୍‌ରେ ୨୦୫ ରନ୍ ଯୋଡ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ନ୍ୟୁଜିଲାଣ୍ଡ 'ଏ' ୩ ୱିକେଟ୍ ହରାଇ ୨୧୮ ରନ୍ କରିଛି। ଭାରତ ପକ୍ଷରୁ ମୁକେଶ କୁମାର ୨ ଓ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ନେଇଥିଲେ।



ପିଭି ସିନ୍ଧୁଙ୍କ ଚମତ୍କାର ବିଜୟ

ହାଇଲୋ ଓପନ୍ ସୁପରର ଫାଇନାଲରେ କ୍ୱର୍ସଫେଲ୍ଡଙ୍କୁ କଲେ ପରାସ୍ତ

ନୂଆଦିଲ୍ଲୀ,୧।୧୧(ଏଜେନ୍ସି): : ଚାମ୍ପିଅନ ହେଲେ ପି.ଭି ସିନ୍ଧୁ । ଜର୍ମାନୀରେ ଆୟୋଜିତ ହାଇଲୋ ଓପନ ୨୦୨୬ର ଫାଇନାଲରେ ଡେନମାର୍କର ଲାଇନ ହୋୟମାର୍କ କ୍ୱର୍ସଫେଲ୍ଡଙ୍କୁ ସିଧାସଳଖ ଗେମରେ ହରାଇ ଟାଇଟଲ ନିଜ ନାମରେ କରିଛନ୍ତି । ଏହା ଚଳିତ ବର୍ଷର ତାଙ୍କର ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ? ଟାଇଟଲ । ଦୁଇ ଥରର ଅଲମ୍ପିକ ପଦକ ବିଜେତା ଭାରତର ପି ଭି ସିନ୍ଧୁ ଫାଇନାଲରେ କ୍ୱର୍ସଫେଲ୍ଡଙ୍କୁ ୨୧-୧୨ ,୨୧-୧୪ରେ ହରାଇ ଥିଲେ। ଗତ ସପ୍ତାହରେ ଫ୍ରେଞ୍ଚ ଓପନର ଫାଇନାଲରେ ହାରିବା ପରେ ୩୧ ବର୍ଷୀୟ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ସିନ୍ଧୁ ନିଜର ସପ୍ତମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିଛନ୍ତି ,ଯାହାକି ଚଳିତ ସିଜନର ୨ୟ ଟାଇଟଲ ନିଜ ନାମରେ କରିପାରିଛନ୍ତି ।



ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ପାଞ୍ଚ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର, ୩୯ ମିନିଟ୍ ଧରି ଚାଲିଥିବା ଫାଇନାଲ୍ ମୁକାବିଲାରେ ଅଷ୍ଟମ ମାନ୍ୟତାପ୍ରାପ୍ତ କ୍ୱର୍ସଫେଲ୍ଡଙ୍କୁ ୨୧-୧୨, ୨୧-୧୪ ବ୍ୟବଧାନରେ ପରାସ୍ତ କରିଛନ୍ତି । ଜୁଲାଇ ମାସରେ ଜାପାନ୍ ଓପନରେ ଟାଇଟଲ ଜିତିଥିବା ଏବଂ ଗତ ସପ୍ତାହରେ ଫ୍ରେଞ୍ଚ ଓପନରେ ରନର୍ସଅପ୍ ରହିଥିବା ସିନ୍ଧୁ, ପୂରା ମୁକାବିଲାରେ ଚମତ୍କାର ନିୟନ୍ତ୍ରଣ ଏବଂ ଦମଦାର ଖେଳ ପ୍ରଦର୍ଶନ କରି ଥିଲେ ।

ବିଶ୍ୱ ମାନ୍ୟତାର ଅଷ୍ଟମ ସ୍ଥାନରେ ଥିବା ଏହି ଭାରତୀୟ ଖେଳାଳି ଏହି ବିଜୟ ସହିତ ୯,୨୦୦ ରାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି ଏବଂ ସିଜିନ୍ ଶେଷରେ ହେବାକୁ ଥିବା ବିଶ୍ୱ ଟୁର୍ ଫାଇନାଲ୍ସ ପାଇଁ ନିଜର ଦାବିକୁ ମଜବୁତ କରିଛନ୍ତି । ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କର ଫାଇନାଲ୍ ପୂର୍ବରୁ କ୍ୱର୍ସଫେଲ୍ଡଙ୍କ ବିରୁଦ୍ଧରେ ଜିତିବା-ହାରିବା ରେକର୍ଡ ୬-୧ ଥିଲା। ଡେନମାର୍କର ଖେଳାଳି ଜଣକ ତାଙ୍କ ବିରୁଦ୍ଧରେ ଏକମାତ୍ର ବିଜୟ ୨୦୨୫ ସୁଦିରମନ୍ କପ୍ ଫାଇନାଲ୍ସରେ ହାସଲ କରି ଥିଲେ।

ସିନ୍ଧୁ ଜୁଲାଇରେ ଜାପାନ୍ ଓପନ୍ ୨୦୨୬ର ଫାଇନାଲରେ ତିନିଥରର ବିଶ୍ୱ ଚାମ୍ପିଅନ୍ ଜାପାନର ଆକାନେ ୟାମାଗୁଚିଙ୍କୁ ପରାସ୍ତ କରି ଟାଇଟଲ ଜିତି ଥିଲେ । ଡିସେମ୍ବର ୨୦୨୪ ପରେ ଏହା ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ (ଇଉର) ଟାଇଟଲ ଥିଲା। ଏହା ସହିତ, ଏହା ତାଙ୍କ କ୍ୟାରିୟରର ପ୍ରଥମ 'ସୁପର ୭୫୦' ଟାଇଟଲ ମଧ୍ୟ ଥିଲା। ହାଇଲୋ ଓପନ୍ ଜିତିବା ସହ ୨୦୨୨ ପରେ ଏହା ପ୍ରଥମ ଥର ପାଇଁ ଘଟିଛି, ଯେତେବେଳେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ଗୋଟିଏ ସିଜିନରେ ଦୁଇଟି ଟାଇଟଲ ନିଜ ନାମରେ କରିଛନ୍ତି।

ଇଶାନଙ୍କ ଦ୍ରୁତ ୨୦୦୦ରନ୍

ମୁମ୍ବାଇ,୧/୧୧ : ହ୍ୟାମିଲଟନରେ ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ଟି-୨୦ରେ ଇଶାନ କିଶନ ଦୁଇ ବଡ଼ ରେକର୍ଡ଼ ନିଜ ନାମରେ କରିଛନ୍ତି । ସାମସନ ଏବଂ ଅଭିଷେକ ଖୁବଶୀଘ୍ର ଆଉଟ ହେବା ପରେ ଇଶାନ କିଶନ ୩୨ବଲରେ ୬୧ରନର ତୁଫାନୀ ପାଳି ଖେଳିଛନ୍ତି । ଏହି ସମୟରେ ସେ ଟି-୨୦ ଅନ୍ତର୍ଜାତୀୟରେ ୨୦୦୦ରନ୍ ପୂରା କରିଛନ୍ତି । ଏହାସହ ଏକ କ୍ୟାଲେଣ୍ଡର ବର୍ଷରେ ସବୁଠାରୁ ଅଧିକ ରନ୍ କରିଥିବା ଭାରତୀୟ ବ୍ୟାଟର ବି ହୋଇଛନ୍ତି ।



୫ମ ଟି-୨୦ରେ ଇଶାନ କିଶନ ୩୨ବଲରେ ୬୧ରନର ପାଳି ସମୟରେ ୫ ଚୌକା ଏବଂ ୫ ଛକ୍କା ଲଗାଇଛନ୍ତି । ଏହି ସମୟରେ ସେ ଟି-୨୦ ଅନ୍ତର୍ଜାତୀୟରେ ୨୦୦୦ରନ ବି ପୂରା କରିଛନ୍ତି । ଇଶାନ ୧,୩୪୫ବଲରେ ୨୦୦୦ରନର ସଂଖ୍ୟା ଛୁଇଁଛନ୍ତି । ସେ ଭାରତ ଲାଗି ଟି-୨୦ ଅନ୍ତର୍ଜାତୀୟରେ ତୃତୀୟ ସବୁଠାରୁ ଦ୍ରୁତ ୨୦୦୦ରନ୍ କରିଥିବା ବ୍ୟାଟର ହୋଇଯାଇଛନ୍ତି । ଏହି ରେକର୍ଡ଼ ଲିଷ୍ଟରେ ଅଭିଷେକ ଶର୍ମା ପ୍ରଥମ ନମ୍ବରରେ ଏବଂ ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ନମ୍ବରରେ ଅଛନ୍ତି ।

ଇଶାନ କିଶନଙ୍କ ନାମରେ ଟି-୨୦ ଅନ୍ତର୍ଜାତୀୟରେ ଏକ କ୍ୟାଲେଣ୍ଡର ବର୍ଷରେ କୌଣସି ଭାରତୀୟ ଦ୍ୱାରା ସବୁଠାରୁ ଅଧିକ ରନ୍ କରିଥିବା ରେକର୍ଡ଼ ହୋଇଯାଇଛି । ସେ ୨୦୨୬ରେ ୧,୧୬୫ରନ୍ କରିଛନ୍ତି । ସେ ୧ ନଭେମ୍ବର ୨୦୨୬ର ନ୍ୟୁଜିଲାଣ୍ଡ ବିପକ୍ଷରେ ୫ମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ସୂର୍ଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ଏହି ରେକର୍ଡ଼ ନିଜ ନାମରେ କରିଛନ୍ତି । ବର୍ଷ ୨୦୨୨ରେ ସୂର୍ଯ୍ୟକୁମାର ଯାଦବ ୧,୧୬୪ରନ୍ କରିଥିଲେ । ଇଶାନ କିଶନ ଏବେ ସୂର୍ଯ୍ୟକୁମାର ଯାଦବଙ୍କ ଏହି ରେକର୍ଡ଼କୁ ଭାଙ୍ଗିଛନ୍ତି ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର